

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୮ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 July 2026
Vol.No. 36 ■ No.196 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ‘ଧ୍ୱନି ପ୍ରତିଧ୍ୱନି’ ଓ ‘ସାଗରିକା’ର ସ୍ୱନକ୍ଷତ୍ର ଉତ୍ସବ ମହାସମାରୋହରେ ପାଳିତ

# ଓଡ଼ିଶାରେ ନୂଆପିଢ଼ି ସାହିତ୍ୟିକ ନିର୍ମାଣ କରିବାରେ ‘ଧ୍ୱନି ପ୍ରତିଧ୍ୱନି’ ଓ ‘ସାଗରିକା’ର ଅବଦାନ ଅତୁଳନୀୟ

ବାଲେଶ୍ୱର, ୨୭/୭ (ନି.ପ୍ର): ଓଡ଼ିଶାର ଏକମାତ୍ର ସମ୍ବାଦପତ୍ର ଧ୍ୱନି ପ୍ରତିଧ୍ୱନି ପ୍ରତିଦିନ ସାହିତ୍ୟ ପୃଷ୍ଠାଟିଏ ରଖି ଉଭୟ ନବପିଢ଼ି ଓ ପ୍ରବୀଣଙ୍କ ଲେଖାକୁ ପ୍ରକାଶ କରି ଏକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇପାରିଛି। ଉଭୟ ସୋସିଆଲ ମିଡିଆ ଓ ବୈଦ୍ୟୁତିକ ଗଣମାଧ୍ୟମର ଉର୍ଦ୍ଧ୍ୱରେ ହେଉଛି ମୁଦ୍ରିତ ଗଣମାଧ୍ୟମ। ସାହିତ୍ୟ ସବୁବେଳେ ସମୟର ଚିତ୍ର ଆଙ୍କୁଥାଏ। ଯାହାର ବିକଳ୍ପ କେବେ ଅନ୍ୟ କେହି ନେଇପାରିବ ନାହିଁ।




ଓଡ଼ିଶାର ବହୁ ଲେଖକଙ୍କର ପ୍ରଥମ ସୃଷ୍ଟି ଧ୍ୱନି ଓ ପ୍ରତିଧ୍ୱନି ଓ ସାଗରିକା ମାଧ୍ୟମରେ ପାଠକଙ୍କ ନିକଟରେ ପହଂଚିଥାଏ। ତେବେ ସାହିତ୍ୟରେ ସମ୍ଭାବନାର ସ୍ୱର ରହିଲେ ସମାଜର କଲ୍ୟାଣ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବାଲେଶ୍ୱରରୁ ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇ ଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର ‘ଧ୍ୱନି ପ୍ରତିଧ୍ୱନି’ ଓ ‘ସାଗରିକା’ର ବାର୍ଷିକ ଉତ୍ସବ ଓ ମିଳିତ ସମ୍ମାନ ପ୍ରଦାନ ସମାରୋହ ବାଲେଶ୍ୱର ସହରସ୍ଥ ଭେନିୟା ପାରାଡାଇଜ୍‌ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହ ପ୍ରାରମ୍ଭିକ କଥା ରଖିଥିଲେ। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଏହି ସଭାକୁ ସଭାପତିତ୍ୱ କରିଥିବା ବେଳେ ସ୍ୱାଗତ ବକ୍ତବ୍ୟ ରଖିଥିଲେ ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା। ସମ୍ମାନନୀୟ ଅତିଥିଭାବେ ବିଶିଷ୍ଟ ଲେଖକ ପ୍ରଫେସର ବୈଷ୍ଣବ ଚରଣ ସାମଲ, ବିଶିଷ୍ଟ କବି ରତ୍ନାକର ରାଉତ, ବିଶିଷ୍ଟ କବି ଓ ସମାଲୋଚକ ଡକ୍ଟର ନାରାୟଣ ପଣ୍ଡା, ସୁବର୍ଣ୍ଣଶ୍ରୀର ସମ୍ପାଦକ ଡ. କାଳୀପଦ ପଣ୍ଡା ଯୋଗ ଦେଇଥିଲେ। ◆◆ପୃଷ୍ଠା ୭

## ଭାରତୀୟ ଜାହାଜ ଉପରେ ଆକ୍ରମଣ : ୟୁକ୍ରେନ ରାଷ୍ଟ୍ରଦୂତଙ୍କୁ ଭାରତର ସମନ୍



ନୂଆଦିଲ୍ଲୀ,୨୭/୭ : ୟୁକ୍ରେନର ଓଡେସା ବନ୍ଦର ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ପରେ ବିଦେଶ ମନ୍ତ୍ରଣାଳୟ ସୋମବାର ଭାରତରେ ଅବସ୍ଥାପିତ ୟୁକ୍ରେନର ରାଷ୍ଟ୍ରଦୂତ ଡ. ଓଲେକଜାଣ୍ଡର ପୋଲିଶଚୁକ୍‌ଙ୍କୁ ସମନ ଜାରି କରିଛି। ଏହି ଜାହାଜରେ ୪ ଜଣ ଭାରତୀୟ ନାଗରିକ ଥିଲେ। ଶନିବାର କୃଷ୍ଣସାଗରରେ ଓଡେସା ବନ୍ଦର ନିକଟରେ ଏମ୍‌ଭି ଏଜିଏନ୍ ରାଗନାର ଉପରେ ଆକ୍ରମଣ ହୋଇଥିଲା। ୨୦୨୨ରେ ରୁଷ୍-ୟୁକ୍ରେନ୍ ବିବାଦ ଆରମ୍ଭ ହେବା ପରଠାରୁ କୃଷ୍ଣସାଗରରେ ବାରମ୍ବାର ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହେଉଛି। ଜୁଲାଇ ୧୮ ତାରିଖରେ ବାଣିଜ୍ୟିକ ଜାହାଜ ଏମ୍‌ଭି ଓମୋର୍ଫେ ଉପରେ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କର ମୃତ୍ୟୁ ଘଟିଥିବା ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସାମୁଦ୍ରିକ ନୌ ସୁରକ୍ଷା, ନୌଚାଳନା ସ୍ୱାଧୀନତା ଓ ଅନ୍ତର୍ଜାତୀୟ ବାଣିଜ୍ୟ ଉପରେ ଆକ୍ରମଣର ପ୍ରତିକୂଳ ପ୍ରଭାବକୁ ଗୁରୁତ୍ୱ ଦେଇ ମନ୍ତ୍ରଣାଳୟ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିବା ସହିତ କଠୋର ଶବ୍ଦରେ ଘଟଣାର ନିନ୍ଦା କରିଛି।

## ୭୧ ସରକାରୀ ହାଇସ୍କୁଲରେ ଖୋଲିବ ଯୁକ୍ତ ଦୁଇ ପାଠପଢ଼ା

ଭୁବନେଶ୍ୱର, ୨୭/୭ (ନି.ପ୍ର): ଓଡ଼ିଶାରେ ଗ୍ରାମାଞ୍ଚଳର ପିଲାଙ୍କ ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷାର ସୁବିଧା ଆଉ ନିକଟତର ହେବାକୁ ଯାଉଛି। ରାଜ୍ୟର ୭୧ଟି ସରକାରୀ ହାଇସ୍କୁଲରେ ଆରମ୍ଭ ହେବ ଯୁକ୍ତ ଦୁଇ ପାଠପଢ଼ା। ସମଗ୍ର ଶିକ୍ଷା ଯୋଜନା ଅଧୀନରେ କେନ୍ଦ୍ର ସରକାରଙ୍କ ପ୍ରକଳ୍ପ ଅନୁମୋଦନ ବୋର୍ଡ ବା ପିଏବି ଏହି ପ୍ରସ୍ତାବକୁ ସବୁଜ ସଙ୍କେତ ଦେଇଛି। ଏଥିପାଇଁ ମୋଟ ୧୪୦ କୋଟି ୭୩ ଲକ୍ଷ ୮୦ ହଜାର ଟଙ୍କାର ବ୍ୟୟ ମଧ ମଞ୍ଜୁର କରାଯାଇଛି। ଏହି ନୂଆ ବ୍ୟବସ୍ଥାରେ ୬୦ଟି ବିଦ୍ୟାଳୟରେ କଳା ବିଭାଗ ଏବଂ ୧୧ଟି ବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ଯୁକ୍ତ ଦୁଇ ପାଠପଢ଼ା ଆରମ୍ଭ ହେବ। ଫଳରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଆଉ ଦୂର ସହରକୁ ଯାଇ ଉଚ୍ଚମାଧ୍ୟମିକ ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ ନାହିଁ।

# ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସାମ୍ବିଧାନିକ ଅଧିକାର, ପୁଲିସର କଠୋର ହସ୍ତକ୍ଷେପକୁ ଯଥାର୍ଥ କୁହାଯାଇପାରିବ ନାହିଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୭/୭ : ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ଆନ୍ଦୋଳନକାରୀ ଛାତ୍ରମାନଙ୍କ ଉପରେ ଲାଠିଚାର୍ଜକୁ ସୁପ୍ରିମକୋର୍ଟ ନିନ୍ଦା କରିଛନ୍ତି। ସୋମବାର ସୁପ୍ରିମକୋର୍ଟ ମୌଖିକ ଭାବେ ପର୍ଯ୍ୟବେକ୍ଷଣ କରି କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ ଏକ ସାମ୍ବିଧାନିକ ଅଧିକାର ଯାହାକୁ ଛିନ୍ନ କରାଯାଇପାରିବ ନାହିଁ। ଆନ୍ଦୋଳନ ହେଉଥିବାରୁ ପୁଲିସର ବର୍ବରତା କିମ୍ବା କଠୋର ହସ୍ତକ୍ଷେପକୁ ଯଥାର୍ଥ କୁହାଯାଇପାରିବ ନାହିଁ। ଜୁଲାଇ ୨୦ ତାରିଖରେ ଜନ୍ତରମନ୍ତରରେ ପୁଲିସ ଲାଠିଚାର୍ଜ ଓ ଦେଶର ବିଭିନ୍ନ ସ୍ଥାନରେ ପ୍ରଦର୍ଶନକାରୀଙ୍କ ଉପରେ ଅତ୍ୟଧିକ ବଳ ପ୍ରୟୋଗ ସମ୍ପର୍କରେ ନୂତନ ଆବେଦନ ଦାଖଲ ହେବା ପରେ ସୁପ୍ରିମକୋର୍ଟ ଏହି ମତ ଦେଇଛନ୍ତି। ଏହି ଆବେଦନଗୁଡ଼ିକ ମଧ୍ୟରୁ ଗୋଟିଏ ଛାତ୍ରଙ୍କ ଦ୍ୱାରା ଦାୟର କରାଯାଇଛି ଯେଉଁଥିରେ ଦାବି ହୋଇଥିଲା ଯେ ସେମାନଙ୍କୁ




ପ୍ରତିବାଦ ସମୟରେ ମାଡ଼ ମରାଯାଇଥିଲା। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ପ୍ରତିବାଦ ସମୟରେ ପୁଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ ସମାନ ଭାବରେ ଚିନ୍ତାଜନକ ଓ ସରକାରଙ୍କୁ ଜବାବ ମଗାଯାଇପାରେ। ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରିବେ। ଜୁଲାଇ ୨୦ ତାରିଖରେ କକ୍ରୋଚ ଜନତା ପାର୍ଟି ନେତୃତ୍ୱରେ ଛାତ୍ରମାନଙ୍କ ‘ସଂସଦ ଚଲୋ’ ଅଭିଯାନ ବେଳେ ଆନ୍ଦୋଳନକାରୀଙ୍କ ଉପରେ ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ ଉପରେ ହୋଇଥିବା କେତେକ ଆବେଦନର ବିଚାର କରି ଏହି ରାୟ ଦେଇଛନ୍ତି। ଏହି ଆବେଦନ ମଧ୍ୟରେ ଆରଜେଡି ସାଂସଦ ମନୋଜ ଝାଙ୍କ ଆବେଦନ ରହିଛି ଯେଉଁଥିରେ ବିହାରରେ ପୁଲିସ ଆନ୍ଦୋଳନକାରୀଙ୍କ ଉପରେ ଏକେ-୪୭ ରାଇଫଲ ଓ ଅନ୍ୟ ପ୍ରକାରର ବଳ ପ୍ରୟୋଗ କରିଥିଲା ବୋଲି କୁହାଯାଇଥିଲା। ଏ ସବୁର ପର୍ଯ୍ୟବେକ୍ଷଣ କରି ସୁପ୍ରିମକୋର୍ଟ ସ୍ୱୟଂ -ବିକଶିତ ଶୃଙ୍ଖଳା ଗଣତନ୍ତ୍ରର ଅବିଚ୍ଛେଦ୍ୟ ଅଙ୍ଗ ଓ ସନ୍ତୁଳନ ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପୁଲିସ ଓ ସୁରକ୍ଷା ବାହିନୀ ପ୍ରତିବାଦର ମୁକାବିଲା କିପରି କରିବେ ସେ ବିଷୟରେ ସର୍ବଭାରତୀୟ ସ୍ତରରେ ନିର୍ଦ୍ଦେଶାବଳୀ ଆଣିବାକୁ ସୁପ୍ରିମକୋର୍ଟ ବିଚାର କରିବେ ବୋଲି ସୂଚନା ଦେଇଛନ୍ତି। ଏହାସହିତ କୋର୍ଟ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବାର ପ୍ରତ୍ୟେକ ନାଗରିକଙ୍କ ଅଧିକାର ସାମ୍ବିଧାନିକ ଭାବରେ ସୁନିଶ୍ଚିତ ଓ ଏହାକୁ ସୁରକ୍ଷିତ ରଖିବା ଆବଶ୍ୟକ। ସୁପ୍ରିମକୋର୍ଟ ପୁଲିସ କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷାର ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ପୁଲିସ ଉପରେ ଆକ୍ରମଣ ଆବେଦନର ଶୁଣାଣି କରିବାକୁ ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି।

# ସାରା ଓଡ଼ିଶାକୁ ବର୍ଷା ସତର୍କତା: ଫୁଲୁଛି ମହାନଦୀ ସହ ଶାଖାନଦୀ

ଭୁବନେଶ୍ୱର, ୨୭/୭ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଗଭୀର ଅବପାତର ରୂପ ନେଇଛି ଏବଂ ଏହା ପଶ୍ଚିମବଙ୍ଗ ଓ ଓଡ଼ିଶା ମୁହାଁ ହୋଇଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି, ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆସନ୍ତା ୪ ଦିନ ଯାଏଁ ରାଜ୍ୟରେ ବର୍ଷା ଜାରି ରହିବ। ଭୀଷଣ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ’ରେଡ୍ ୱାର୍ଣ୍ଣିଂ’ ଜାରି କରାଯାଇଥିବାବେଳେ ୧୯ଟି ଜିଲ୍ଲାକୁ ’ଅରେଞ୍ଜ୍ ଆଲର୍ଟ’ ଏବଂ ୮ଟି ଜିଲ୍ଲାକୁ ’ୟୋଲୋ ୱାର୍ଣ୍ଣିଂ’



ଦିଆଯାଇଛି। ଉପରମୁଣ୍ଡରେ ପ୍ରବଳ ବର୍ଷା କାରଣରୁ ମହାନଦୀ ସମେତ ସାଳନ୍ଦୀ, ଦେବୀ ଆଦି ଶାଖାନଦୀଗୁଡ଼ିକର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମହାନଦୀର ବନ୍ୟାଜଳ ଆସି କଟକ ବଡ଼ମ୍ବାସ୍ଥିତ ପ୍ରସିଦ୍ଧ ଭଟ୍ଟାରିକା ମନ୍ଦିରକୁ ଛୁଇଁଥିବାରୁ ମା’ଙ୍କୁ ରୋଷଘରକୁ ସ୍ଥାନାନ୍ତର କରାଯାଉଛି। ସେହିପରି ହଦଗଡ଼ ଡ୍ୟାମ୍‌ରୁ ଜଳ ନିଷ୍କାସନ ହେବା ଫଳରେ ଭଦ୍ରକର ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି ଲଞ୍ଜାତରା ଠାରେ ୬୦ ଫୁଟର ଘାଇ ସୃଷ୍ଟି ହୋଇ ବିଲଣା, ବାରୋ ଓ କୁବେରା ଆଦି ◆◆ପୃଷ୍ଠା ୭

## ବିଏମସି ପକ୍ଷରୁ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭୁବନେଶ୍ୱର, ୨୭/୭ (ନି.ପ୍ର): ବିଏମ୍ ସି ମୁଖ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଏମ୍ ସି, ବିଡିଏ, ଓ ବିଏସସିଏଲ୍ ସଂପର୍କିତ ବିଭିନ୍ନ ଅଭିଯୋଗ ସଂପର୍କରେ ଅଭିଯୋଗକାରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇଛନ୍ତି ବିଏମ୍ ସି ଅତିରିକ୍ତ କମିଶନର। ତିନୋଟି ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଜନ ଶୁଣାଣି ହୋଇଥିଲା।

## ପ୍ରଶ୍ନପତ୍ର ଲିକ୍ ବିଲ୍ ଉପରେ ଆଜି ଚର୍ଚ୍ଚା: ବାଚସ୍ପତିଙ୍କ ହସ୍ତକ୍ଷେପ ପରେ ବିରୋଧୀ ରାଜି

ନୂଆଦିଲ୍ଲୀ,୨୭/୭ : ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ଉପରେ ଆସନ୍ତକାଲି ସଂସଦରେ ଆଲୋଚନା ହୋଇପାରେ। ବିରୋଧୀ ଦଳମାନେ ବିଲ୍ ଉପରେ ଆଲୋଚନା ଆରମ୍ଭ କରିବାକୁ ରାଜି ହୋଇଛନ୍ତି। ବାଚସ୍ପତି ଓମ୍ ବିର୍ଲା ସବୁ ବିରୋଧୀ ଦଳର ନେତାମାନଙ୍କ ସହିତ ଆଲୋଚନା କରିବା ପରେ ବିରୋଧୀ ଦଳମାନେ ଆଲୋଚନାରେ ଅଂଶଗ୍ରହଣ କରିବାକୁ ରାଜି ହେଇଛନ୍ତି। ଉଭୟ ସରକାର ଓ ବିରୋଧୀ ଦଳ ଉଭୟ ଜୁଲାଇ ୨୮ ତାରିଖରେ



ବିଲ୍ ଉପରେ ଆଲୋଚନା ଓ ଭୋଟ୍ ଦେବାକୁ ରାଜି ହୋଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମଙ୍ଗଳବାର ମଧ୍ୟାହ୍ନ ୧୨ ଟାରେ ବିଲ୍ ଉପରେ ଆଲୋଚନା ଆରମ୍ଭ ହୋଇପାରେ। ସୋମବାର ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍ ସଂସଦରେ ଆଗତ କରାଯାଇଥିଲା। କେନ୍ଦ୍ର କାର୍ମିକ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ବିଲ୍‌କୁ ଗୃହରେ ଉପସ୍ଥାପନ କରିଥିଲେ। କିନ୍ତୁ ବିଲ୍ ଉପରେ ଆଲୋଚନା ହୋଇପାରି ନଥିଲା। ◆◆ପୃଷ୍ଠା ୭

## ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ପରଲୋକ: ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭/୭ (ନି.ପ୍ର): ଓଡ଼ିଶାର ବରିଷ୍ଠ ରାଜନୀତିଜ୍ଞ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଆଜି ପରଲୋକ ହୋଇଛି। ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିବା ସୂଚନା ମିଳିଛି। ସୁଶାନ୍ତ ସିଂହ ଦୀର୍ଘଦିନ ଧରି ଗୁରୁତର ଅସୁସ୍ଥତାରେ ପୀଡ଼ିତ ଥିଲେ। କିଛିଦିନ ପୂର୍ବରୁ ତାଙ୍କୁ ଆପୋଲୋ



ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିଲା, କିନ୍ତୁ ଆଜି ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହୋଇଥିଲା ଏବଂ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ତାଙ୍କୁ ବଞ୍ଚାଇ ପାରିଲେ ନାହିଁ। ସୂଚନାଯୋଗ୍ୟ, ସୁଶାନ୍ତ ସିଂହ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ◆◆ପୃଷ୍ଠା ୭

## ପଥର ମାଡ଼ରେ ଯୁବକଙ୍କ ମୃତ୍ୟୁ: ୫ ଜଣଙ୍କୁ ଅଟକ ରଖିଲା ପୁଲିସ

ବଲାଙ୍ଗୀର, ୨୭/୭ (ନି.ପ୍ର): ବଲାଙ୍ଗିର ଲରମ୍ଭା ଥାନା ବାଘମୁଣ୍ଡ ଗାଁରେ ହତ୍ୟାକାଣ୍ଡ। ୫ଜଣଙ୍କୁ ଅଟକ ରଖି ପୁଲିସର ତନାଘନା। ପାଟଣାଗଡ଼ ଉପଖଣ୍ଡ ଲରମ୍ଭା ଥାନା ଅନ୍ତର୍ଗତ ବାଘମୁଣ୍ଡ ଗାଁରୁ ଆସିଛି ଏଭଳି ଏକ ଚାଞ୍ଚଲ୍ୟକର ଖବର। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପଥର ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ୫ ଜଣଙ୍କୁ ପୁଲିସ ଅଟକ ରଖିଥିବା ସୂଚନା ମିଳିଛି। ମୃତକଙ୍କ ନାମ ମକୁନ୍ଦ ସାହୁ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ରଥଯାତ୍ରା ସମୟରେ ହୋଇଥିବା ଏକ ବିବାଦକୁ କେନ୍ଦ୍ର କରି ଗତକାଲି ବିଳମ୍ବିତ ରାତିରେ କିଛି ଯୁବକ ମକୁନ୍ଦ ସାହୁଙ୍କ ଘର ଉପରକୁ ପଥର ମାଡ଼ କରିଥିଲେ।

## ଶ୍ରାବଣର ଦ୍ୱିତୀୟ ସୋମବାର: ଭକ୍ତିରେ ଭାସିଲା ଚନ୍ଦନେଶ୍ୱର

ବାଲେଶ୍ୱର, ୨୭/୭ (ନି.ପ୍ର): ଆଜି ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଏ ନେଇ ରାଜ୍ୟର ବିଭିନ୍ନ ଶୈବପୀଠରେ କାଉଡିଆ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବା ପାଇଁ ମିଳିଛି। ଯାହାକୁ ନେଇ ପୂର୍ବ




ଭାରତର ପ୍ରସିଦ୍ଧ ଭୋଗରାଇର ବାବା ଚନ୍ଦନେଶ୍ୱର ଶୈବପୀଠକୁ ରାତିରୁ କାଉଡ଼ିଆ ଓ ଭକ୍ତଙ୍କ ସୁଅ ଛୁଟୁଛି। ଶ୍ରାବଣ ମାସରେ ବାବାଙ୍କ ନିକଟରେ ପାଣି ଢ଼ାଳିଲେ ବାବା ଭକ୍ତଙ୍କ ମନସ୍କାମନା ◆◆ପୃଷ୍ଠା ୭

## ନେପାଳରେ ସାମ୍ପ୍ରଦାୟିକ ହିଂସା : ଜଣେ ମୃତ, ୧୨ ଆହତ

ନୂଆଦିଲ୍ଲୀ,୨୭/୭ : ନେପାଳର କୋଶି ପ୍ରଦେଶର ସୁନସାରି ଜିଲ୍ଲାରେ ସାମ୍ପ୍ରଦାୟିକ ସଂଘର୍ଷରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୁରକ୍ଷାକର୍ମୀଙ୍କ ସମେତ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହି ଘଟଣା ପରେ ସୋମବାର ସକାଳେ ସ୍ଥାନୀୟ ପ୍ରଶାସନ ଜିଲ୍ଲାର ପାଞ୍ଚଟି ବଜାର ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରିଛି। ନେପାଳର ସମ୍ପୃକ୍ତ ହିଂସାଗ୍ରସ୍ତ ଅଞ୍ଚଳ ବିହାର ସୀମାକୁ ଲାଗି ରହିଛି। ସୁନସାରି ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ, ଜିଲ୍ଲାର କପ୍ତାନଗଞ୍ଜ ବଜାର, ଦିବାନଗଞ୍ଜ ଗ୍ରାମୀଣ ନଗରପାଳିକା-୩ ସହିତ ପାଞ୍ଚଟି ବଜାର ଅଞ୍ଚଳରେ ସକାଳ ସାତଟାରୁ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଟକଣା ଲାଗୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ହିଂସା ରବିବାର ରାତିରେ ଦେବଗଞ୍ଜ ଗ୍ରାମ ପଞ୍ଚାୟତର କପ୍ତାନଗଞ୍ଜ ଅଞ୍ଚଳରେ ଆରମ୍ଭ ହୋଇଥିଲା। ଏଠାରେ ଦୁଇଟି ସମ୍ପ୍ରଦାୟର ଲୋକ ଅଲଗା ଅଲଗା ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ଗୋଟିଏ ପକ୍ଷରେ ବୋଲବମ ଯାତ୍ରା ପାଇଁ ଭିଡ଼ ଥିବାବେଳେ ଅନ୍ୟ ସମ୍ପ୍ରଦାୟର ଲୋକ ନିଜ ଧାର୍ମିକ କାର୍ଯ୍ୟକ୍ରମ କରୁଥିଲେ। ବିବାଦ ମୁଖ୍ୟତଃ ଲାଉଡସ୍ପିକରର ତୀବ୍ର ଧ୍ୱନି ଓ ଧାର୍ମିକ ପତାକା ବ୍ୟବହାରକୁ ନେଇ ହୋଇଥିଲା।

# ପୁରୁଷଙ୍କଠୁ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ମହିଳା



କୁହାଯାଏ ନାରୀଙ୍କଠୁ ପୁରୁଷ ବେଶ୍ ବଳଶାଳୀ । ଅଧିକ କଠିନ କାମ କରିପାରନ୍ତି, ଅଧିକ ବେଗରେ ଦୌଡ଼ିପାରନ୍ତି ଓ ଅଧିକ ଓଜନ ଉଠାଇପାରନ୍ତି ମଧ୍ୟ । ହେଲେ ଜାଣନ୍ତି କି ରୋଗ ଓ ଆୟୁଷ କଥା କହିଲେ ନାରୀ ପୁରୁଷଙ୍କଠାରୁ କମ୍ ରୋଗରେ ପଡ଼ନ୍ତି ଓ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି...

ହାର୍ଭାର୍ଡ ମେଡିକାଲ ସ୍କୁଲର ଅଧ୍ୟୟନ କହେ, ମହିଳା କମ୍ ରୋଗରେ ପଡ଼ିବା ଓ ଅଧିକ ବର୍ଷ ଜିଇବା ପଛରେ ବିଜ୍ଞାନ ଓ ପ୍ରକୃତିର ବଡ଼ ଭୂମିକା ରହିଛି । ଭ୍ରୂଣର ବିକାଶଠାରୁ ହିଁ ମହିଳା ଓ ପୁରୁଷ ଅଲଗା ହୋଇ ଯାଆନ୍ତି । ଯଦିଓ ଉଭୟଙ୍କର ୨୩ ଯୋଡ଼ା କ୍ରୋମୋଜମ ଥାଏ, ସେଥିରୁ ୨୨ଯୋଡ଼ା କ୍ରୋମୋଜମ ଉଭୟ ଲିଙ୍ଗରେ ସମାନ ଥାଏ । ହେଲେ ୨୩ତମ ଯୋଡା ଅଲଗା ଅଲଗା ହୋଇଯାଏ । ପୁରୁଷଙ୍କ ମଧ୍ୟରେ ୨୩ତମ ଯୋଡାରେ ଗୋଟାଏ ଏକ୍ସ ଓ ଏକ ୱାଇ କ୍ରୋମୋଜମ୍ ଥାଏ । ହେଲେ ମହିଳାଙ୍କ ୨୩ତମ ଯୋଡାରେ ଉଭୟ କ୍ରୋମୋଜମ୍ 'ଏକ୍ସ' ହିଁ ହୋଇଥାଏ । ୱାଇ କ୍ରୋମୋଜମ୍ ଏକ୍ସ କ୍ରୋମୋଜମଠାରୁ ଏକ ତୃତୀୟାଂଶ କମ୍ ହୋଇଥାଏ । ଆଉ ଏଥିରେ 'ଏକ୍ସ' ତୁଳନାରେ ବହୁତ କମ୍ ଜିନ୍ ଥାଏ । ଏକ୍ସ କ୍ରୋମୋଜମ୍‌ରେ ମସ୍ତିଷ୍କ ଓ ଇମ୍ୟୁନ ସିଷ୍ଟମକୁ ପ୍ରଭାବିତ କରୁଥିବା ଜିନ୍ ଥାଏ । ଯଦି ପୁରୁଷଙ୍କର ଏକ୍ସ କ୍ରୋମୋଜମ ଖରାପ ହୁଏ ତେବେ ସେମାନଙ୍କର ଆଉ ଏକ ଏକ୍ସ କ୍ରୋମୋଜମ ନାହିଁ ଭରଣା କରିବା ପାଇଁ । ସବୁଠାରୁ ବଡ଼ କଥା ହେଲା ପୁରୁଷଙ୍କ ମଧ୍ୟରେ ଥିବା କିଛି ୱାଇ କ୍ରୋମୋଜମର ରୋଗ ସହ ଲିଙ୍କ ଥାଏ । ଏହି କାରଣରୁ ପୁରୁଷଙ୍କ ମଧ୍ୟରେ ପୂରା ଜୀବନ ଅଧିକ ରୋଗ ହେବାର ଆଶଙ୍କା ମହିଳାଙ୍କଠାରୁ ଅଧିକ ଥାଏ ।


ପୁରୁଷଙ୍କ ମଧ୍ୟରେ ଥିବା ଟେଷ୍ଟୋଷ୍ଟେରନ ହର୍ମୋନ ଯାହାକି ପୁରୁଷତ୍ୱର ପ୍ରତୀକ ତାହା ହୃତ୍‌ପିଣ୍ଡରେ ବିଭିନ୍ନ ରୋଗ ସୃଷ୍ଟି କରିବାର ବି କାରଣ ସାଜେ । ଅର୍ଥାତ୍ ଟେଷ୍ଟୋଷ୍ଟେରନ୍‌ର ସ୍ତର କମ୍ ହେଲେ ହୃଦ୍‌ରୋଗର ଆଶଙ୍କା ବଢିଥାଏ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି । ହେଲେ ମହିଳାଙ୍କର ନାରିତ୍ୱକୁ ପ୍ରୋତ୍ସାହିତ କରୁଥିବା ଏଷ୍ଟ୍ରୋଜନ ହର୍ମୋନ କିନ୍ତୁ ହୃତ୍‌ପିଣ୍ଡ ରକ୍ଷା କରିବାରେ ଚମତ୍କାର କାମ କରେ ବୋଲି କିଛି ଗବେଷଣା କହେ । ଏଥିରୁ ବୁଝିପାରୁଥିବେ ମହିଳାଙ୍କ ଭିତରେ କାହିଁକି ହୃଦ୍ ସମ୍ବନ୍ଧିତ ରୋଗ କମ୍ ହୋଇଥାଏ ।

ଯଦିଓ ମହିଳାଙ୍କ ଭିତରେ ବ୍ରେଷ୍ଟ କ୍ୟାନ୍ସର, ୟୁଟ୍ରସ୍ କ୍ୟାନ୍ସର ହେଉଥିବା ଦେଖି ଭାବୁଥିବେ ମହିଳାଙ୍କ ତୁଳନାରେ ପୁରୁଷ ଅଧିକ ସୁରକ୍ଷିତ । ହେଲେ ପ୍ରକୃତରେ ସେମିତି ନୁହେଁ । ପୁରୁଷଙ୍କ ପ୍ରୋଷ୍ଟେଟ ଗ୍ଲାଣ୍ଡ ପ୍ରୋଷ୍ଟାଟିଟିସ୍, ବିନାଇନ୍ ପ୍ରୋଷ୍ଟାଟିକ ହାଇପରପ୍ଲାସିଆ ଓ ପ୍ରୋଷ୍ଟେଟ କ୍ୟାନ୍ସର ଭଳି ଅନେକ ସମସ୍ୟାକୁ ଜନ୍ମ ଦେଇଥାଏ । ତା'ସହ ଅନ୍ୟ ବହୁ ପ୍ରକାରର କ୍ୟାନ୍ସର ବି ହୁଏ ।

ଆଉ ଏକ ରୋଚକ କଥା ହେଉଛି ହୃତ୍‌ପିଣ୍ଡକୁ ସୁରକ୍ଷିତ ରଖୁଥିବା ଗୁଡ୍ କୋଲେଷ୍ଟରଲ ମହିଳାଙ୍କର ବେଶି ଥାଏ । ମହିଳାଙ୍କ ଭିତରେ ଗୁଡ୍ କୋଲେଷ୍ଟରଲ ପ୍ରତି ଡେସି ଲିଟରରେ ୬୦.୩ ମି.ଗ୍ରା. ଥାଏ । ଅନ୍ୟପକ୍ଷେ ପୁରୁଷଙ୍କ ଭିତରେ ଏହା କେବଳ ୪୮.୫ ମି.ଗ୍ରା. ଥାଏ । ଏଥିପାଇଁ ମହିଳାଙ୍କର ହୃତ୍‌ପିଣ୍ଡ ସମ୍ବନ୍ଧିତ ରୋଗ ହେବାର ଆଶଙ୍କା କମିଥାଏ । ଏହାଛଡ଼ା ମେଦବହୁଳତା ଓ ଅନ୍ୟ ରୋଗ ହେବାର ଆଶଙ୍କା ବି କମ୍ ରହିଥାଏ ଓ ମେଟାବୋଲିଜମ୍ ସକ୍ରିୟ ରହେ ।

ଏହାବାଦ୍ ସାମାଜିକ କାରଣ ବି ଏକ ଫ୍ୟାକ୍ଟର ରହିଥାଏ । ମହିଳାମାନେ ବେଶି ସୋସିଆଲ ନେଟୱର୍କରେ ରହିଥାନ୍ତି । ଅଧିକ ହିଂସା ଓ ଆକ୍ରମଣତା ମହିଳାଙ୍କ ଗୁଣ ହୋଇ ନ ଥାଏ । ମହିଳାମାନେ ପୁରୁଷଙ୍କ ତୁଳନାରେ କମ୍ ସିଗାରେଟ୍, ତମାଖୁ, ମଦ ଆଦି ସେବନ କରିଥାନ୍ତି । ଏହାବାଦ୍ ମହିଳାଙ୍କ ଡାଏଟ୍ ପୁରୁଷଙ୍କ ତୁଳନାରେ ହେଲ୍‌ଦି ହୋଇଥାଏ । ମହିଳାମାନେ ଘରକାମ ଅଧିକ କରନ୍ତି । ଫଳରେ ସେମାନଙ୍କର ଶାରୀରିକ ବ୍ୟାୟାମ ଅଧିକ ହୁଏ । ଏଭଳି ଅନେକ କାରଣ ପାଇଁ ମହିଳାମାନେ ମଜଭୁତ ହୋଇଥାନ୍ତି ଓ ଅଧିକ ବର୍ଷ ଜିଇଥାନ୍ତି ।

# ଖାଲି ପେଟରେ ଚାଲୁଛନ୍ତି କି ? ଶରୀର ପାଇଁ ହୋଇପାରେ କ୍ଷତି



ନିକଟ ଅତୀତରେ, ଲୋକଙ୍କ ମଧ୍ୟରେ ଫିଟନେସ ପ୍ରତି ସଚେତନତା ବୃଦ୍ଧି ପାଇଛି । ଅନେକ ଲୋକ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ନିୟମିତ ଚାଲନ୍ତି । ଚାଲିବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଦୈନିକ ୨୦୦୦ ପାଦ ଚାଲିବା ଦ୍ୱାରା ମଧୁମେହ ଏବଂ ହୃଦରୋଗ ଜନିତ ରୋଗର ଆଶଙ୍କା କମିଯାଏ । କିନ୍ତୁ ଅନେକ ଲୋକ ଚାଲିବା ସମୟରେ କିଛି ସାଧାରଣ ଭୁଲ କରନ୍ତି, ଯାହା କ୍ଷତିର କାରଣ ହୁଏ ।

କିଛି ଲୋକଙ୍କର ଖାଲି ପେଟରେ ଚାଲିବା ଅଭ୍ୟାସ ଥାଏ । କିନ୍ତୁ ଏହି ସମୟରେ, ସାଧାରଣ ଭୁଲ ମଧ୍ୟ ଆପଣଙ୍କୁ ଲାଭ ବଦଳରେ କ୍ଷତି ପହଞ୍ଚାଇପାରେ । ଆସନ୍ତୁ ଆମେ ଆପଣଙ୍କୁ କହିବୁ ଯେ ଖାଲି ପେଟରେ ଚାଲିବା ସମୟରେ କେଉଁ ଭୁଲଗୁଡ଼ିକ ଏଡାଇବା ଉଚିତ, ଯାହା ଦ୍ୱାରା ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବ ନାହିଁ ।

ଖାଲି ପେଟରେ ଚାଲିବା ସମୟରେ ଶରୀରରେ ଶକ୍ତିର ଅଭାବ ଦେଖାଯାଏ । ଏପରି ପରିସ୍ଥିତିରେ, ଯଦି ଆପଣ ବହୁତ ଦ୍ରୁତ ଗତିରେ ଚାଲିବାକୁ ଚେଷ୍ଟା କରନ୍ତି, ତେବେ ଆପଣଙ୍କ ଶରୀରରେ ଗ୍ଲୁକୋଜର ଅଭାବ ହୋଇପାରେ – ଯାହା ଯୋଗୁଁ ଆପଣ ମୁଣ୍ଡ ବୁଲାଇବା, ଦୁର୍ବଳତା କିମ୍ବା କ୍ଲାନ୍ତି ଅନୁଭବ କରିପାରନ୍ତି । ଖାଲି ପେଟରେ ଚାଲିବା ସମୟରେ, ଦ୍ରୁତ ଗତିରେ ଚାଲିବା ପରିବର୍ତ୍ତେ ଧୀରେ ଏବଂ ଆରାମରେ ଚାଲନ୍ତୁ ।

ଚାଲିବା ସମୟରେ ଶରୀରରୁ ଝାଳ ବାହାରିଥାଏ, ଯାହା ଶରୀରରେ ଜଳୀୟାଂଶ ହ୍ରାସ କରିପାରେ । ଯଦି ଆପଣ ଖାଲି ପେଟରେ ଚାଲିଥାନ୍ତି ଏବଂ ପର୍ଯ୍ୟାପ୍ତ ପାଣି ପିଉନାହାଁନ୍ତି, ତେବେ ଡିହାଇଡ୍ରେସନର ଆଶଙ୍କା ବଢ଼ିପାରେ । ଡିହାଇଡ୍ରେସନ ମୁଣ୍ଡବିନ୍ଧା, ଥକ୍କାପଣ ଏବଂ ଶରୀରର କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ । ତେଣୁ, ଚାଲିବା ପୂର୍ବରୁ ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ । ଏହା ଶରୀରକୁ ହାଇଡ୍ରେଟେଡ ରଖିବ ।

କିଛି ଲୋକ ଖାଲି ପେଟରେ ଚାଲିବା ପରେ ମଧ୍ୟ ଖାଦ୍ୟ ଖାଆନ୍ତି ନାହିଁ । ଯେତେବେଳେ ଚାଲିବା ପରେ ଶରୀରକୁ ଶକ୍ତିର ଆବଶ୍ୟକତା ପଡ଼ିଥାଏ ଯାହା ଦ୍ୱାରା ମାଂସପେଶୀ ଏବଂ ଶରୀର ପୁନଃର୍ନିର୍ମାଣ ହୋଇପାରିବ । ଯଦି ଆପଣ ଚାଲିବା ପରେ ଖାଆନ୍ତି ନାହିଁ, ତେବେ ଏହା ଆପଣଙ୍କ ଶରୀରରେ ପ୍ରୋଟିନ ଏବଂ କାର୍ବୋହାଇଡ୍ରେଟ୍ସର ଅଭାବ ସୃଷ୍ଟି କରିପାରେ । ଚାଲିବା ପରେ ତୁରନ୍ତ ହାଲୁକା ଏବଂ ସନ୍ତୁଳିତ ଖାଦ୍ୟ ଖାଇବା ଗୁରୁତ୍ୱପୂର୍ଣ୍ଣ – ଯେପରିକି ଫଳ, ବାଦାମ, କିମ୍ବା ଦହି, ଯାହା ଦ୍ୱାରା ଶରୀର ଉପଯୁକ୍ତ ପୁଷ୍ଟି ପାଇପାରିବ ।

ଖାଲି ପେଟରେ ଚାଲିବା ସମୟରେ ଶରୀରରେ ଶକ୍ତିର ଅଭାବ ଥାଏ, ତେଣୁ ବହୁତ ଲମ୍ବା ଚାଲିବା ଆପଣଙ୍କ ଶରୀର ପାଇଁ କ୍ଷତିକାରକ ହୋଇପାରେ । ଦୀର୍ଘ ସମୟ ଚାଲିବା ଶରୀର ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ଆପଣଙ୍କୁ ମୁଣ୍ଡ ବୁଲାଇବା କିମ୍ବା ଦୁର୍ବଳ ଅନୁଭବ ହୋଇପାରେ ।

# ମାନସିକ ଚାପ ହ୍ରାସ କରେ ଯୋଗ



ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି । ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ । ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ । ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ । ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ । ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ । ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ । ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ । ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ । ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ । ସବୁବେଳେ ଯୋଗ କଲେ ଭଲ ନିଦ ହୁଏ । ଏହାର ଆଉ ଏକ ଉପକାରୀ ଗୁଣ ରହିଛି । ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ । ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର ।

# ଏହି ୩ ରାଶିର ପୁରୁଷ ଏକାଧିକ ଥର ପଡ଼ିଥାନ୍ତି ପ୍ରେମରେ; ରୋମାଣ୍ଟିକ୍ ସତ୍ତ୍ୱେ ହୃଦୟ ଭାଙ୍ଗେ...





ପ୍ରତ୍ୟେକ ରାଶିର ବ୍ୟକ୍ତିବିଶେଷଙ୍କ ବ୍ୟବହାର ଏବଂ ପସନ୍ଦ-ନାପସନ୍ଦ ଭିନ୍ନ ଭିନ୍ନ । କିଛି ଶାନ୍ତ ସ୍ୱଭାବର ହୋଇଥିବା ବେଳେ କିଛି ବହୁତ ରାଗି । ପ୍ରେମକୁ ନେଇ ମଧ୍ୟ ସବୁ ରାଶିର ସ୍ୱଭାବ ଭିନ୍ନ । କେହି କେହି ଜୀବନକାଳ ଭିତରେ ଥରେ ପ୍ରେମରେ ପଡ଼ିଥିବା ବେଳେ କେହି ଏକାଧିକ ଥର ପ୍ରେମରେ ପଡ଼ିଥାନ୍ତି । ଆଜି ଆମେ ଆଲୋଚନା କରିବା ଏଭଳି ୩ ରାଶି ବିଷୟରେ, ଯେଉଁଥିରେ ଜନ୍ମିତ ପୁଅମାନେ ସବୁଠାରୁ ଅଧିକ ରୋମାଣ୍ଟିକ୍ ହୋଇଥିଲେ ହେଁ ସେମାନଙ୍କ ପ୍ରେମସମ୍ପର୍କ ସ୍ଥାୟୀ ନ ଥାଏ ।

ମେଷ ରାଶି : ଏହି ରାଶିର ପୁଅମାନଙ୍କ ପାଇଁ ଭଲପାଇବା ସବୁକିଛି । ହେଲେ କୌଣସି ନା କୌଣସି କାରଣରୁ ଏମାନଙ୍କ ପ୍ରେମ ସମ୍ପର୍କ ଠିକ୍ ଭାବେ ଚାଲି ନ ଥାଏ । ପାର୍ଟନରଙ୍କ ସହ ସମ୍ପର୍କ ଖରାପ ରହିବା କାରଣରୁ ଏମାନଙ୍କ ପ୍ରେମ କାହାଣୀ ବିଚ୍ଛେଦର ରୂପ ନେଇଥାଏ । ହେଲେ ଏମାନଙ୍କୁ ଜଣଙ୍କୁ ଭୁଲି ଅନ୍ୟଜଣଙ୍କ ପ୍ରେମରେ ପଡ଼ିବାକୁ ବେଶି ସମୟ ଲାଗି ନ ଥାଏ । ଜୀବନରେ ଏମାନେ ଏକାଧିକ ଥର ପ୍ରେମରେ ପଡ଼ିଥାଏ । ଜ୍ୟୋତିଷ ଅନୁଯାୟୀ ଏମାନଙ୍କ ପ୍ରେମ ସମ୍ପର୍କ ସ୍ଥାୟୀ ନ ଥାଏ ।

ବୃଷ ରାଶି : ଏହି ରାଶିର ପୁଅ ସ୍ୱଭାବରେ ଭାରି ରୋମାଣ୍ଟିକ୍ । ବହୁତ ଶୀଘ୍ର ଏମାନେ ପ୍ରେମରେ ପଡ଼ିଯାଇଥାନ୍ତି । ଅନେକ ଥର ନ ବୁଝି ବିଚାରି ପ୍ରେମ ସମ୍ପର୍କ ଗଢ଼ିବା କାରଣରୁ ଏମାନେ ପରେ ପଶ୍ଚାତାପ କରିଥାନ୍ତି । ଏହି କାରଣରୁ ଜୀବନକାଳରେ ଦୁଇଥର ପ୍ରେମରେ ପଡ଼ିବାର ସମ୍ଭାବନା ଏମାନଙ୍କର ବେଶି ଥାଏ । ହେଲେ ଏମାନେ ନିଜର ପ୍ରେମକୁ ବେଶ ସଚ୍ଚୋଟତାର ସହ ନିର୍ବାହ କରିଥାନ୍ତି । ହେଲେ ପାର୍ଟନରଙ୍କୁ ଭୁଲ ଚୟନ କରିବାକୁ ନେଇ ତାଙ୍କୁ ଧୋକା ମିଳିଥାଏ ।

କର୍କଟ ରାଶି : ଏହି ରାଶିର ପୁଅମାନେ ପ୍ରେମକୁ ନେଇ ବେଶ ଗମ୍ଭୀର ଥାନ୍ତି । ଏମାନେ ନିଜ ପାର୍ଟନରଙ୍କୁ ବହୁତ ଭଲପାଇଥାନ୍ତି । ତାଙ୍କୁ ଖୁସିରେ ରଖିବାକୁ ଯଥାସମ୍ଭବ ଚେଷ୍ଟା କରିଥାନ୍ତି । ସଚ୍ଚୋଟତାର ସହ ସମ୍ପର୍କ ତୁଲାଇଥାନ୍ତି । ହେଲେ ଏମାନଙ୍କୁ ପ୍ରତାରଣା ବିଲ୍‌କୁଲ ପସନ୍ଦ ନୁହେଁ । ଜ୍ୟୋତିଷ ଅନୁଯାୟୀ ଜୀବନରେ ଥରେ ଏମାନଙ୍କ ହୃଦୟ ନିଶ୍ଚିତ ଭାଙ୍ଗିଥାଏ ।

# ଭୁଲ୍‌ରେ ବି ଦାନରେ ଦିଅନ୍ତୁ ନାହିଁ ଏସବୁ ଜିନିଷ, ଅଭାବରେ ବୁଡ଼ିବେ...

ଦାନକୁ ସନାତନ ଧର୍ମର ସର୍ବୋତ୍ତମ ଗୁଣ ଭାବେ ବର୍ଣ୍ଣନା କରାଯାଇଛି । ହେଲେ ବୁଝି ବିଚାରି ଦାନ ନ କଲେ ନିଜର କ୍ଷତି ହୋଇପାରେ । ପୁରାଣରେ ମଧ୍ୟ ଏହାର ଉଦାହରଣ ହେଉଛନ୍ତି 'ଦାନବୀର କର୍ଣ୍ଣ' । ମହାଭାରତରେ କର୍ଣ୍ଣଙ୍କୁ ଜଣେ ମହାନ ଯୋଦ୍ଧା ସହ ମହାନ ଦାତା ଭାବେ ବର୍ଣ୍ଣନା କରାଯାଇଛି । ହେଲେ ଦାନର ପ୍ରବୃତ୍ତି ଯୋଗୁ ସେ ନିଜ ମୃତ୍ୟୁର କାରଣ ପାଲଟିଥିଲେ । ଏଣୁ ଦାନ କରିବା ପୂର୍ବରୁ ଚିନ୍ତା କରିବା ଆବଶ୍ୟକ ହୋଇଥାଏ । ଆସନ୍ତୁ ଜାଣିବା କେଉଁ ଜିନିଷକୁ ଦାନ କରିବା ଅନୁଚିତ :-

ରାଶି ତେଲ : ରାଶି ତେଲର ସମ୍ପର୍କ ରାହୁ-କେତୁ-ଶନିଙ୍କ ଭଳି ଗ୍ରହ ସହ ରହିଛି । ଏଣୁ ଏହି ତେଲକୁ ଦାନ କଲେ ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ପାରେ । ଏଥିସହ ଆର୍ଥିକ କ୍ଷତି ମଧ୍ୟ ହୋଇପାରେ ।

ଦିଆସିଲି : କେବେହେଲେ କାହାକୁ ଦିଆସିଲି ଦାନ କରନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ପରିବାରରେ ଅକାରଣରେ ଝଗଡ଼ା ହେବ । ଏପରିକି ପରସ୍ପର ପ୍ରତି ଥିବା ଭଲପାଇବା ହ୍ରାସ ପାଇବ ।

ସୋରିଷ ତେଲ : ଏହା ଶନି ଦେବଙ୍କ ସହ ଜଡ଼ିତ । କାରଣ ଶନିଙ୍କୁ ଏହି ତେଲ ଅର୍ପଣ କରିବାର ପରମ୍ପରା ରହିଛି । ଏଣୁ ଯଦି ଆପଣ ଟଙ୍କା ନ ଦେଇ କାହାଠାରୁ ସୋରିଷ ତେଲ ନିଅନ୍ତି ତେବେ ଆପଣ ଶନିଙ୍କ କ୍ରୋଧର ଶିକାର ହୋଇପାରନ୍ତି ।

ଲୁହା ସାମଗ୍ରୀ : ଏହାକୁ ଦାନ କଲେ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡ଼ିପାରେ । ଏଥିସହ ଶାରୀରିକ ଅସୁସ୍ଥତା ମଧ୍ୟ ଦେଖାଦେଇପାରେ । ଏହାର କାରଣ ହେଉଛି ଲୁହାରେ ଭଗବାନ ଶନି ବାସ କରନ୍ତି । ଏହାକୁ ଦାନ କଲେ ସେ କ୍ରୋଧିତ ହୁଅନ୍ତି । ସେହିଭଳି କାହାଠାରୁ ଲୁହା ସାମଗ୍ରୀ ଦାନରେ ଗ୍ରହଣ କରନ୍ତୁ ନାହିଁ ।

ଲୁଣ : ଏହାକୁ ଦାନ କଲେ ଶନିଦଶାରେ ପଡ଼ିପାରନ୍ତି । କେବଳ ଏତିକି ନୁହେଁ ଋଣଭାରରେ ଆପଣ ବୁଡ଼ିପାରନ୍ତି ।

ଛୁଞ୍ଚି : ଛୁଞ୍ଚି ଦାନରେ ନେବା ଏବଂ ଦେବା ଉଭୟ କ୍ଷତିକାରକ । ଏହା ଘରର ସୁଖ ଏବଂ ଶାନ୍ତି ସମାପ୍ତ କରେ ।








# ଫାରା ବନାମ ଏଫସିଆରଏ: ସ୍ୱଚ୍ଛତା ନା କ୍ଷମତାର ଅପବ୍ୟବହାର ?

ଭାରତରେ ନାଗରିକ ସମାଜ ବା ସିଭିଲ୍ ସୋସାଇଟିର ସ୍ୱାଧୀନତା ଏବଂ ବିଦେଶୀ ପାଣ୍ଠି ନିୟନ୍ତ୍ରଣକୁ ନେଇ ଦୀର୍ଘ ଦିନ ଧରି ଏକ ବୌଦ୍ଧିକ ତଥା ରାଜନୈତିକ ବିତର୍କ ଲାଗିରହିଛି। ଯେତେବେଳେ ବି କେନ୍ଦ୍ର ସରକାରଙ୍କ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ଆଇନ ବା ଏଫସିଆରଏ (**FCRA**) ର ବୈଧତା ଏବଂ କଠୋରତା ଉପରେ ପ୍ରଶ୍ନ ଉଠେ, ସେତେବେଳେ ସରକାର ନିୟମିତ ଭାବରେ ଗୋଟିଏ ପ୍ରକାରର ଯୁକ୍ତି ଉପସ୍ଥାପନ କରନ୍ତି । ସରକାରଙ୍କ କହିବା କଥା ହେଉଛି ଯେ ପାଶ୍ଚାତ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକ ମଧ୍ୟ ବିଦେଶୀ ପାଣ୍ଠିକୁ ନିୟନ୍ତ୍ରଣ କରନ୍ତି, ତେଣୁ ଭାରତ ନିଜ ଦେଶର ସୁରକ୍ଷା ପାଇଁ ଏପରି କଲେ ଅସୁବିଧା କେଉଁଠି ? ଏହି ପ୍ରସଙ୍ଗରେ ସରକାର ବାରମ୍ବାର ଆମେରିକାର ଫରେନ୍ ଏଜେଣ୍ଟସ୍ ରେଜିଷ୍ଟ୍ରେସନ୍ ଆକ୍ଟ (**FARA**) ଏବଂ ବ୍ରିଟେନ୍, ଅଷ୍ଟ୍ରେଲିଆ ତଥା କାନାଡାର ସ୍ୱଚ୍ଛତା ଆଇନର ଉଦାହରଣ ଦେଇଥାନ୍ତି । କିନ୍ତୁ ବାସ୍ତବରେ ଏହି ତୁଳନା ସମ୍ପୂର୍ଣ୍ଣ ଭାବରେ ବିଭ୍ରାନ୍ତିକର, ତଥ୍ୟହୀନ ଏବଂ ଏକ ମିଥ୍ୟା ସମାନତା ଉପରେ ଆଧାରିତ ଅଟେ । ସରକାରଙ୍କ ଏହି ଯୁକ୍ତିକୁ ଯଦି ଗଭୀର ଭାବରେ ବିଶ୍ଳେଷଣ କରାଯାଏ, ତେବେ ଏହା ସ୍ପଷ୍ଟ ହେବ ଯେ ଭାରତର ଏଫସିଆରଏ ଏବଂ ପାଶ୍ଚାତ୍ୟ ଦେଶର ଆଇନ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି । ପାଶ୍ଚାତ୍ୟ ଆଇନଗୁଡ଼ିକ କେବଳ ସ୍ୱଚ୍ଛତା ଉପରେ ପର୍ଯ୍ୟବସିତ ଥିବାବେଳେ, ଭାରତର ଆଇନ ରାଷ୍ଟ୍ରକୁ ଅସୀମ କ୍ଷମତା ପ୍ରଦାନ କରିଥାଏ ଯାହା ଦ୍ୱାରା ସରକାର ନିଷ୍ପତ୍ତି ନିଅନ୍ତି ଯେ କିଏ ବିଦେଶୀ ପାଣ୍ଠି ପାଇବେ ଏବଂ କିଏ ନୁହେଁ । ଏହା କେବଳ ଏକ ପଞ୍ଜୀକରଣ ପ୍ରକ୍ରିୟା ନୁହେଁ, ବରଂ ନାଗରିକ ସମାଜର କଣ୍ଠରୋଧ କରିବାର ଏକ ଶକ୍ତିଶାଳୀ ଅସ୍ତ୍ର ପାଲଟିଛି।

ପାଶ୍ଚାତ୍ୟ ଦେଶର ଆଇନ, ବିଶେଷକରି ଆମେରିକାର ଫାରା (**FARA**) କିପରି କାର୍ଯ୍ୟ କରେ ତାହା ବୁଝିବା ନିହାତି ଆବଶ୍ୟକ । ୧୯୩୮ ମସିହାରେ ପ୍ରଣୟନ କରାଯାଇଥିବା ଏହି ଆଇନର ମୂଳ ଉଦ୍ଦେଶ୍ୟ ହେଉଛି କେବଳ ସ୍ୱଚ୍ଛତା ବଜାୟ ରଖିବା । ଯଦି କୌଣସି ସଂସ୍ଥା ବା ବ୍ୟକ୍ତି ବିଦେଶୀ ସଂସ୍ଥା ପାଇଁ ରାଜନୈତିକ ବା ଅନ୍ୟ କୌଣସି କାର୍ଯ୍ୟ କରୁଛନ୍ତି, ତେବେ ସେମାନଙ୍କୁ କେବଳ ନିଜର ଆର୍ଥିକ ତଥ୍ୟ, କାର୍ଯ୍ୟକଳାପ ଏବଂ ସମ୍ପର୍କ ବିଷୟରେ ଆମେରିକାର ନ୍ୟାୟ ବିଭାଗକୁ ଜଣାଇବାକୁ ପଡ଼ିଥାଏ । ଫାରା କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ବାରଣ କରେ ନାହିଁ କିମ୍ବା ପାଣ୍ଠି ଗ୍ରହଣ କରିବା ପାଇଁ ସରକାରଙ୍କ ପୂର୍ବ ଅନୁମତି ଲୋଡ଼ା କରେ ନାହିଁ । ଏହାର ଅର୍ଥ ହେଉଛି, ଆପଣ କେବଳ ସରକାରଙ୍କୁ ଜଣାନ୍ତୁ ଯେ ଆପଣଙ୍କୁ କିଏ ପାଣ୍ଠି ଦେଉଛି, ତା'ପରେ ଆପଣ ନିଜର ମତ ରଖିବାକୁ, ପ୍ରଚାର କରିବାକୁ କିମ୍ବା ଆନ୍ଦୋଳନ କରିବାକୁ ସମ୍ପୂର୍ଣ୍ଣ ସ୍ୱାଧୀନ । ସେଠାରେ ସ୍ୱଚ୍ଛତା ହିଁ ଏକମାତ୍ର ସମାଧାନ । ଏହା ଆମେରିକାର ସମ୍ବିଧାନ ପ୍ରଦତ୍ତ ବାକ୍ ସ୍ୱାଧୀନତା ଏବଂ ଆବେଦନ କରିବାର ଅଧିକାରକୁ ସୁରକ୍ଷା ପ୍ରଦାନ କରିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କେବଳ ବିଦେଶୀ ପାଣ୍ଠି ପାଇବା ମାତ୍ରେ କୌଣସି ସଂସ୍ଥାକୁ ଫାରା ଅଧୀନରେ ପଞ୍ଜୀକରଣ କରିବାକୁ ପଡ଼େ ନାହିଁ, ଯେପର୍ଯ୍ୟନ୍ତ ସେହି ସଂସ୍ଥା ବିଦେଶୀ ଦାତାଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ବା ନିୟନ୍ତ୍ରଣରେ କାର୍ଯ୍ୟ ନକରିଛି । ଉଦାହରଣ ସ୍ୱରୂପ, ଏକ ଡାକ୍ତରଖାନା ବା ଶିକ୍ଷାନୁଷ୍ଠାନ ଯଦି ନିଜ ଇଚ୍ଛା ଅନୁଯାୟୀ ବିଦେଶୀ ଅନୁଦାନ ଗ୍ରହଣ କରି ଖର୍ଚ୍ଚ କରେ, ତେବେ ସେଠାରେ କୌଣସି ପଞ୍ଜୀକରଣର ଆବଶ୍ୟକତା ନଥାଏ ।

ଏହା ବିପରୀତରେ ଭାରତର ଏଫସିଆରଏ ବ୍ୟବସ୍ଥାକୁ ଦେଖିଲେ ଏକ ସମ୍ପୂର୍ଣ୍ଣ ଭିନ୍ନ ତଥା ଭୟାନକ ଚିତ୍ର ସାମ୍ନାକୁ ଆସେ । ଏଫସିଆରଏ କେବଳ ଆର୍ଥିକ ସ୍ୱଚ୍ଛତା କଥା କହେ ନାହିଁ, ବରଂ ଏହା ବିଦେଶୀ ପାଣ୍ଠି ଗ୍ରହଣ କରିବା ପୂର୍ବରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଅନୁମତି ନେବାକୁ ବାଧ୍ୟ କରେ । ଏହି ଅନୁମତି ବା ଲାଇସେନ୍ସ ପ୍ରତ୍ୟେକ ପାଞ୍ଚ ବର୍ଷରେ ନବୀକରଣ ହେବା ଆବଶ୍ୟକ ଏବଂ ସରକାର ଚାହିଁଲେ ବିନା କୌଣସି ସ୍ପଷ୍ଟ କାରଣରେ ଏହାକୁ ପ୍ରତ୍ୟାଖ୍ୟାନ, ସ୍ଥଗିତ କିମ୍ବା ବାତିଲ କରିପାରିବେ । ଏହି ଆଇନରେ 'ଜାତୀୟ ସ୍ୱାର୍ଥ', 'ରାଜନୈତିକ କାର୍ଯ୍ୟକଳାପ', 'ଜନ ସ୍ୱାର୍ଥ' ଏବଂ 'ଅର୍ଥନୈତିକ ସ୍ୱାର୍ଥ' ଭଳି ଅତ୍ୟନ୍ତ ଅସ୍ପଷ୍ଟ ଏବଂ ବ୍ୟାପକ ଶବ୍ଦାବଳୀର ବ୍ୟବହାର କରାଯାଇଛି, ଯାହାର କୌଣସି ନିର୍ଦ୍ଦିଷ୍ଟ ଆଇନଗତ ସଂଜ୍ଞା ନାହିଁ । ଫଳସ୍ୱରୂପ, ସରକାର ଏହି ଶବ୍ଦଗୁଡ଼ିକର ମନଇଚ୍ଛା ବ୍ୟାଖ୍ୟା କରି ଯେକୌଣସି ସଂସ୍ଥାର ଲାଇସେନ୍ସ ବାତିଲ କରିଦେଉଛନ୍ତି । ଫାରା ଯେଉଁଠି କହୁଛି 'ଆମକୁ ତଥ୍ୟ ଦିଅ ଏବଂ ନିଜ ଇଚ୍ଛାରେ କାମ କର', ସେଠାରେ ଏଫସିଆରଏ କହୁଛି 'ଆମେ ନିଷ୍ପତ୍ତି ନେବୁ ତୁମେ ପାଣ୍ଠି ପାଇବ କି ନାହିଁ, ଏବଂ କାହିଁକି ମନା କଲୁ ତାହା କହିବାକୁ ଆମେ ବାଧ୍ୟ ନୋହୁଁ' । ଏହା ହିଁ ଦୁଇ ଆଇନ ମଧ୍ୟରେ ଥିବା ସବୁଠାରୁ ବଡ଼ ଏବଂ ମୌଳିକ ପାର୍ଥକ୍ୟ ।

ନିକଟ ଅତୀତରେ ଏଫସିଆରଏରେ ହୋଇଥିବା ବିଭିନ୍ନ ସଂଶୋଧନଗୁଡ଼ିକ ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଦେଇଛି । ୨୦୨୦ ମସିହାରେ ହୋଇଥିବା ସଂଶୋଧନ ଅନୁଯାୟୀ ଗୋଟିଏ ଏନଜିଓ ଅନ୍ୟ ଏକ ଏନଜିଓକୁ ବିଦେଶୀ ପାଣ୍ଠି ପ୍ରଦାନ କରିବା ଉପରେ ରୋକ୍ ଲଗାଯାଇଥିଲା, ଯାହା ଫଳରେ ତୃଣମୂଳ ସ୍ତରରେ କାମ କରୁଥିବା ଛୋଟ ଛୋଟ ସଂସ୍ଥାଗୁଡ଼ିକ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଲେ । ଏହି ସଂଶୋଧନଗୁଡ଼ିକ କେବଳ ଅର୍ଥକୁ ନିୟନ୍ତ୍ରଣ କରୁନାହିଁ, ବରଂ ଲୋକଙ୍କ ବିଶ୍ୱାସ, ବିଚାର ଏବଂ ସାମ୍ବିଧାନିକ ଅଧିକାରକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ପ୍ରୟାସ କରୁଛି । ନୂତନ ନିୟମ ଅନୁଯାୟୀ ଧର୍ମ ପ୍ରଚାର, ରାଜନୈତିକ ବା ଆଦର୍ଶଗତ ବିଚାର ଥିବା କଳାତ୍ମକ କାର୍ଯ୍ୟ ଏବଂ ସାମ୍ବିଧାନିକ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପାଇଁ ବିଦେଶୀ ପାଣ୍ଠି ବ୍ୟବହାର ଉପରେ କଟକଣା ଲଗାଯାଇଛି । ଏହାଦ୍ୱାରା ମାନବାଧିକାର କର୍ମୀ, ନୀତିଗତ ଗବେଷଣା କରୁଥିବା ସଂସ୍ଥା ଏବଂ ସାମାଜିକ ନ୍ୟାୟ ପାଇଁ ଲଢୁଥିବା ଅନୁଷ୍ଠାନଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ ହୋଇଛନ୍ତି । ଏତିକିରେ କଥା ସରିନାହିଁ, ୨୦୨୬ ମସିହାରେ ଆଗତ ହୋଇଥିବା ନୂତନ ସଂଶୋଧନ ବିଲ୍ ଅନୁଯାୟୀ, ଯଦି କୌଣସି ସଂସ୍ଥାର ଲାଇସେନ୍ସ ବାତିଲ ହୁଏ ବା ସେମାନେ ତାହା ଫେରାଇ ଦିଅନ୍ତି, ତେବେ ସେହି ସଂସ୍ଥାର ବିଦେଶୀ ପାଣ୍ଠିରୁ ତିଆରି ହୋଇଥିବା ସମ୍ପତ୍ତି ଯେପରିକି ସ୍କୁଲ, ଡାକ୍ତରଖାନା ବା ଅନାଥାଶ୍ରମକୁ ସରକାର ନିଜ ଅକ୍ତିଆରକୁ ନେଇପାରିବେ । ପାଶ୍ଚାତ୍ୟ ଦେଶର କୌଣସି ଆଇନରେ ଏଭଳି ଭୟଙ୍କର ବ୍ୟବସ୍ଥା ନାହିଁ । ଆମେରିକାର ଫାରା କେବେହେଲେ କୌଣସି ଖବରକାଗଜ ସଂସ୍ଥାର ଅଫିସ୍ ଜବତ କରିନାହିଁ କିମ୍ବା ବ୍ରିଟେନର ଆଇନ କୌଣସି ସାମାଜିକ ଅନୁଷ୍ଠାନର ସମ୍ପତ୍ତି ଛଡ଼ାଇ ନେଇନାହିଁ । ଏହା ଏକ ପ୍ରକାରର ରାଷ୍ଟ୍ରୀୟ ଜବରଦଖଲ ଯାହାକୁ ଗଣତାନ୍ତ୍ରିକ ପ୍ରକ୍ରିୟା ଆଢୁଆଳରେ କରାଯାଉଛି ।

ଏହି କଠୋର ଆଇନର ପ୍ରଭାବ ଏବଂ ଭୟାବହତା ସରକାରୀ ତଥ୍ୟରୁ ସ୍ପଷ୍ଟ ବାରି ହୋଇପଡ଼େ । ମାର୍ଚ୍ଚ ୨୦୨୬ ସୁଦ୍ଧା ଭାରତରେ ପ୍ରାୟ ୨୧,୯୩୩ ରୁ ଊର୍ଦ୍ଧ୍ୱ ବେସରକାରୀ ସଂସ୍ଥା (**NGO**) ସେମାନଙ୍କର ଏଫସିଆରଏ ଲାଇସେନ୍ସ ହରାଇଛନ୍ତି। ଏଥିମଧ୍ୟରୁ ଅଧିକାଂଶ ସଂସ୍ଥା ସଂଖ୍ୟାଲଘୁ ଅଧିକାର, ବାକ୍ ସ୍ୱାଧୀନତା, ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ । ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (**CPR**), ୱାର୍ଲ୍ଡ ଭିଜନ୍ ଇଣ୍ଡିଆ ଏବଂ ଅକ୍ସଫାମ୍ ଇଣ୍ଡିଆ ଭଳି ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକ ମଧ୍ୟ ଏହି ଆଇନର ଶିକାର ହୋଇଛନ୍ତି। ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଭାରତର ଏହି ପଦକ୍ଷେପକୁ ତୀବ୍ର ସମାଲୋଚନା କରାଯାଇଛି। ସେପ୍ଟେମ୍ବର ୨୦୨୪ ରେ ପ୍ରକାଶିତ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (**FATF**)ର ମ୍ୟୁଚୁଆଲ୍ ଇଭାଲୁଏସନ୍ ରିପୋର୍ଟରେ ଭାରତକୁ ଏନଜିଓ ପରିଚାଳନା କ୍ଷେତ୍ରରେ କେବଳ 'ଆଂଶିକ ଅନୁପାଳନକାରୀ' (**partially compliant**) ଭାବରେ ଦର୍ଶାଯାଇଛି । ଏଫଏଟିଏଫ୍ ସ୍ପଷ୍ଟ ଭାବରେ ସତର୍କ କରାଇଦେଇଛି ଯେ ଆତଙ୍କବାଦୀ ପାଣ୍ଠି ରୋକିବା ଆଳରେ ଏଫସିଆରଏ ଆଇନର ଅପବ୍ୟବହାର କରାଯାଇ ବୈଧ ନାଗରିକ ସମାଜର କଣ୍ଠରୋଧ କରାଯାଉଛି । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ସରକାର ବିନା କୌଣସି ପରାମର୍ଶରେ ଏହି ନିୟମ ଲାଗୁ କରିଛନ୍ତି ଯାହା ସଂସ୍ଥାଗୁଡ଼ିକର କାର୍ଯ୍ୟଶୈଳୀକୁ ନଷ୍ଟ କରିଦେଇଛି । ଏଫଏଟିଏଫ୍ ପରାମର୍ଶ ଦେଇଛି ଯେ ସରକାର ଏକ ରିସ୍କ-ବେସଡ୍ (**risk-based**) ବା ବିପଦ-ଆଧାରିତ ଦୃଷ୍ଟିକୋଣ ଆପଣାଇବା ଉଚିତ୍, ନଚେତ୍ ସମସ୍ତ ସଂସ୍ଥାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଏବଂ ହଇରାଣ କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ଏହା ପୂର୍ବରୁ ୨୦୧୬ ମସିହାରେ ମିଳିତ ଜାତିସଂଘର ତିନି ଜଣ ସ୍ୱତନ୍ତ୍ର ରିପୋର୍ଟରମାନେ ମଧ୍ୟ ଏଫସିଆରଏ ଆଇନକୁ ରଦ୍ଦ କରିବା ପାଇଁ ଭାରତ ସରକାରଙ୍କୁ ନିବେଦନ କରିଥିଲେ, କାରଣ ଏହା ଆନ୍ତର୍ଜାତୀୟ ମାନବାଧିକାର ମାନଦଣ୍ଡକୁ ଉଲ୍ଲଂଘନ କରୁଛି ।

ଅବଶ୍ୟ ଏହି ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ ଏକ ପ୍ରତିଯୁକ୍ତି ରଖାଯାଏ ଯେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୬,୨୦୦ ସଂସ୍ଥା ପଞ୍ଜୀକୃତ ଅଛନ୍ତି ଏବଂ ସେମାନେ ସ୍ୱାସ୍ଥ୍ୟ, ଶିକ୍ଷା ତଥା ବିପର୍ଯ୍ୟୟ ପରିଚାଳନା ପାଇଁ ବାର୍ଷିକ ପ୍ରାୟ ୨୩,୦୦୦ କୋଟି ଟଙ୍କାର ବିଦେଶୀ ପାଣ୍ଠି ପାଉଛନ୍ତି । ତେଣୁ ସରକାରଙ୍କ ଯୁକ୍ତି ହେଉଛି ଯେ ସେମାନେ ସମସ୍ତଙ୍କୁ ବାରଣ କରୁନାହାଁନ୍ତି। ଏକ ସାର୍ବଭୌମ ରାଷ୍ଟ୍ର ହିସାବରେ ନିଜ ଦେଶ ଭିତରକୁ ଆସୁଥିବା ଅର୍ଥର ହିସାବ ରଖିବା ଏବଂ ଏହାର ଅପବ୍ୟବହାର ରୋକିବା ସରକାରଙ୍କର ଅଧିକାର ତଥା କର୍ତ୍ତବ୍ୟ । ଏହାକୁ କୌଣସି ସଚେତନ ନାଗରିକ ଅସ୍ୱୀକାର କରୁନାହାଁନ୍ତି। କିନ୍ତୁ ବିବାଦର ମୂଳ କାରଣ ସ୍ୱଚ୍ଛତା ନୁହେଁ, ବରଂ ଅନୁମତି ପ୍ରଦାନ କରିବାର ଏକଚାଟିଆ କ୍ଷମତା । ଯଦି ଏକ ଆଇନ କେବଳ ତଥ୍ୟ ପ୍ରଦାନ ବା ସ୍ୱଚ୍ଛତା ଦାବି କରୁଥାନ୍ତା, ତେବେ କୌଣସି ସଚ୍ଚୋଟ ସଂସ୍ଥା ଏହାକୁ ବିରୋଧ କରନ୍ତେ ନାହିଁ । କିନ୍ତୁ ଏଫସିଆରଏ ସରକାରୀ ଅଧିକାରୀମାନଙ୍କୁ ଏଭଳି କ୍ଷମତା ଦେଇଛି ଯେ ସେମାନେ ବିନା କାରଣରେ, କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ଯେକୌଣସି ସଂସ୍ଥାର ପାଣ୍ଠି ବନ୍ଦ କରିଦେଇପାରିବେ ଏବଂ ସେମାନଙ୍କର ବର୍ଷ ବର୍ଷର ପରିଶ୍ରମରେ ଗଢ଼ିଉଠିଥିବା ସମ୍ପତ୍ତିକୁ ଛଡ଼ାଇ ନେଇପାରିବେ । ଏହା ଆଦୌ ନିୟନ୍ତ୍ରଣ ନୁହେଁ, ଏହା ହେଉଛି କ୍ଷମତାର ଅପବ୍ୟବହାର ଯାହା ନାଗରିକ ସମାଜକୁ ସରକାରଙ୍କ ଦୟା ଉପରେ ନିର୍ଭରଶୀଳ କରାଇଦେଉଛି ।

ପରିଶେଷରେ ଏହା ନିର୍ଦ୍ୱିଦ୍ୱରେ କୁହାଯାଇପାରେ ଯେ ପାଶ୍ଚାତ୍ୟ ଦେଶର ସ୍ୱଚ୍ଛତା ଆଇନ ସହିତ ଭାରତର ଏଫସିଆରଏର ତୁଳନା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ବିଭ୍ରାନ୍ତିକର ଅଟେ । ଆମେରିକାର ଫାରା ଭଳି ଆଇନ କେବଳ ଗୋଟିଏ ଫର୍ମ ପୂରଣ କରିବାକୁ କହୁଥିବା ବେଳେ, ଏଫସିଆରଏ ଏକ ବନ୍ଦ କବାଟ ସଦୃଶ ଯାହାକୁ ସରକାର ନିଜ ଇଚ୍ଛା ଅନୁଯାୟୀ ଖୋଲିପାରିବେ ବା ବନ୍ଦ କରିପାରିବେ । ଗୋଟିଏ ଆଇନ ନାଗରିକଙ୍କ ସ୍ୱାଧୀନତାକୁ ସମ୍ମାନ ଦେଇ କେବଳ ସ୍ୱଚ୍ଛତା ଆଶା କରୁଥିବା ବେଳେ, ଅନ୍ୟଟି ସମସ୍ତଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିଥାଏ ଏବଂ ଅନୁଦାନ ଗ୍ରହଣ କରିବାକୁ ଏକ ଅଧିକାର ପରିବର୍ତ୍ତେ ସରକାରଙ୍କ ଅନୁକମ୍ପା ଭାବରେ ବିବେଚନା କରିଥାଏ । ଗରିବ ଓ ଅସହାୟ ଲୋକଙ୍କ ସେବା କରିବା, ସେମାନଙ୍କ ପାଇଁ ବିଦ୍ୟାଳୟ ବା ଚିକିତ୍ସାଳୟ ନିର୍ମାଣ କରିବା କୌଣସି ରାଜନୈତିକ କ୍ଷମତାରେ ଥିବା ବ୍ୟକ୍ତିଙ୍କ ଇଚ୍ଛାଧୀନ ହେବା ଉଚିତ୍ ନୁହେଁ । ଏକ ପ୍ରକୃତ ଗଣତାନ୍ତ୍ରିକ ରାଷ୍ଟ୍ର କେବେହେଲେ ନିଜ ଦେଶର ନାଗରିକ ସମାଜ ଏବଂ ସେବାକାରୀ ସଂସ୍ଥାଗୁଡ଼ିକ ଉପରେ ଏଭଳି ଲଗାମ ଲଗାଏ ନାହିଁ । ସରକାର ଏହି ବାସ୍ତବତାକୁ ହୃଦୟଙ୍ଗମ କରି ଏଫସିଆରଏ ଆଇନର ପୁନର୍ବିଚାର କରିବା ଆବଶ୍ୟକ ଏବଂ ଆନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଏକ ସ୍ୱଚ୍ଛ ତଥା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରଣୟନ କରିବା ଉଚିତ୍ ।



# ତଳ ବରଡ଼ା ହସୁଛି



## ଅର୍ଜୁନ ଘଡ଼େଇ

**ଆଜିର ସମୟରେ ସେମାନଙ୍କର ଉପଦେଶ ଅନେକଙ୍କ ପାଇଁ ମୂଲ୍ୟହୀନ, ଅଗ୍ରାହ୍ୟ ହୋଇଥାଇପାରେ, କିନ୍ତୁ ଏ ସବୁ କରିବାରେ ସେମାନେ ଅବହେଳା କଲେ ଜୀବନର ଅନ୍ୟ ଏକ ମହତକାର୍ଯ୍ୟ କରିବାରେ ଯେ ଭୁଲ୍ କରିବେ ଏଥିପାଇଁ ସତର୍କ ହେବା ଉଚିତ୍। ପରିବାର ଭିତରେ, କି ସମାଜରେ କିଏ ଶୁଣୁକି ନଶୁଣୁ, ବୁଝିକି ନ ବୁଝୁ କହିବାରେ ଅସୁବିଧା ନାହିଁ। ସେମାନଙ୍କର ଯଥାଯଥ ମୂଲ୍ୟବାନ ପରାମର୍ଶକୁ ଅନେକ ତାଚ୍ଛଲ୍ୟ ବି କରିବେ। 'ବୁଢ଼ାଟା ଅଯଥାରେ ଗପୁଛି, ପାଗଳ ହେଇଗଲେଣି', ଏମିତି ଅନେକ ତାଚ୍ଛଲ୍ୟପୂର୍ଣ୍ଣ ମନ୍ତବ୍ୟ ମନକୁ କଷ୍ଟ, ଯନ୍ତ୍ରଣାରେ ଆଚ୍ଛାଦିତ କରିପାରେ ତଥାପି ଆମ ପରବର୍ତ୍ତୀ ବଂଶଧର ମାନଙ୍କ ଭିତରୁ କେହି ନା କେହି ନିଶ୍ଚିତ ଆମ କଥାର ମହତ୍ତ୍ୱ ବୁଝିବେ ଏ ବିଶ୍ୱାସ ମନରେ ରଖି କାର୍ଯ୍ୟ**

ଆମେ ଜାଣିଛେ, ''ତଳ ବରଡ଼ା ଖସୁଛି-ଉପର ବରଡ଼ା ହସୁଛି-ମଝି ବରଡ଼ା କହି ବୁଲୁଛି ମୋ ଦିନକାଳ ଆସୁଛି।'' ଏପରି ଲୋକ ମୁଖରେ ବହୁଳ ଭାବେ ବ୍ୟବହୃତ ପଦ୍ୟ ପଂକ୍ତିର ମାର୍ମିକ ତତ୍ତ୍ୱ, ସମୟର ପରିବର୍ତ୍ତନରେ, ପରିବର୍ତ୍ତିତ ହୋଇଯିବା ପରି ମନେ ହେଉଛି। ଆଜିର ତଳ ବରଡ଼ା ମାନେ ଖସି ପଡ଼ିବାର ଭୟରେ ଭୟଭୀତ ନୁହଁନ୍ତି, ବିଷାଦିତ ନୁହଁନ୍ତି ବରଂ ମଝି ବରଡ଼ା ମାନଙ୍କର ବିମର୍ଷ ଭାବ ଦେଖି ସେମାନେ ଆଶ୍ୱାସନା ଦେଉଛନ୍ତି ଓ ଉପର ବରଡ଼ା ମାନଙ୍କ ଆନନ୍ଦକୁ ଉପଭୋଗ କରି ସେମାନଙ୍କୁ ଆହୁରି ପ୍ରଯତ୍ନଶୀଳ, ଦୀର୍ଘଜିବୀ ଓ ସୌଭାଗ୍ୟ ପ୍ରାପ୍ତିପାଇଁ କାମନା କରୁଛନ୍ତି। ଯାହା ତଳ ବରଡ଼ା ମାନଙ୍କର ଅଭିଜ୍ଞତାର ସ୍ୱର କେବଳ ନୁହେଁ ପରପିଢିକୁ ଆଶା, ଭରସା ଓ ବିଶ୍ୱାସର ମହାମନ୍ତ୍ରରେ ଅଭିମନ୍ତ୍ରିତ କରିବାର ଅତ୍ୟାବଶ୍ୟକ ପ୍ରଚେଷ୍ଟା ଭାବରେ ବିବେଚନା କରାଯାଇପାରେ ଆଜିର ସମାଜରେ। ଉଦ୍ଧୃତ ଲୋକବାଣୀଟିରେ ଯେତିକି କାଳଜୟୀ ବାର୍ତ୍ତା ରହିଛି ସେତିକି ପରିବର୍ତ୍ତନର ମାନସିକତା ଆଜିର ସମାଜର ଲୋକମାନଙ୍କର ବି ରହିଛି।

ଅନେକ ଦୁଃଖ, କଷ୍ଟ, ହସ, ଖୁସିର ଅଭିଜ୍ଞତା ସାଉଁଟିଥିବା ତଳ ବରଡ଼ା ଅର୍ଥାତ୍ ବୟସ୍କବ୍ୟକ୍ତିମାନେ, ପ୍ରକୃତିର ଚରମ ସତ୍ୟକୁ ଉପଲବ୍ଧି କରିବା ସହ ଜୀବନର ପ୍ରକୃତ ରହସ୍ୟ ବୁଝିବାରେ ସମର୍ଥ ହୋଇଥା'ନ୍ତି। ସମାଜ-ବୃକ୍ଷରେ ପ୍ରଥମ ହୋଇ ସୃଷ୍ଟି ହେଇଥିବା ତଳ ବରଡ଼ାମାନେ ବି ଦିନେ ପ୍ରଥମ ଜନ୍ମର ସ୍ୱାଦ, ସୁଖ, ସ୍ନେହ ଆଦର ସବୁକିଛି ପାଇଥିଲେ, ପରିବାରରେ ପ୍ରଥମ ହେଇ ଜନ୍ମ ନେଇଥିବା ସନ୍ତାନଟି ପରି। ସମୟକ୍ରମେ ବୟସ ବଢ଼ିଲା, ସମାଜର ପ୍ରତ୍ୟେକ ବ୍ୟବସ୍ଥା ସହ ନିଜକୁ ସାମିଲ କଲେ। ଶୈଶବ, କୈଶୋର ପରେ ବାର୍ଦ୍ଧକ୍ୟରେ ଉପନୀତ ହେବାର ପ୍ରାକୃତିକ ନିୟମକୁ ମାନିବାକୁ ବାଧ ହେଲେ। ଶୈଶବ ଠାରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଯେତେ ସବୁ ସାମାଜିକ ଦାୟୀତ୍ୱ ନିଷ୍ଠାର ସହ ନିର୍ବାହ କରିବାରେ ବିମୁଖ ହେଲେ ନାହିଁ। ଜୀବନ କାଳ ମଧ୍ୟରେ ପାରିବାରିକ ଦାୟୀତ୍ୱ, ସହଯୋଗ, କର୍ତ୍ତବ୍ୟବୋଧ, ଆଧ୍ୟାତ୍ମିକ ଜ୍ଞାନ, ଜୀବନ ବଞ୍ଚାଇବାର ଉପାୟ ସବୁକିଛି ବୁଝି, ବିଚାରି କାର୍ଯ୍ୟ କରି ଆସିଥିବାରୁ ଆତ୍ମସନ୍ତୋଷ ଲାଭ କରିବା ସହ, ନ କରିଥିବା କାର୍ଯ୍ୟପାଇଁ ଅନୁତପ୍ତ ହେବା ଓ ସେମାନଙ୍କ ପରବର୍ତ୍ତୀ ପିଢିକୁ ସମୟୋପଯୋଗୀ କାର୍ଯ୍ୟ ନିର୍ବାହ ପାଇଁ ଉପଦେଶ ଦେବାରେ ଖୁସି ନହେବେ କାହିଁକି ? ଆଜିର ସମୟରେ ସେମାନଙ୍କର ଉପଦେଶ ଅନେକଙ୍କ ପାଇଁ ମୂଲ୍ୟହୀନ, ଅଗ୍ରାହ୍ୟ ହୋଇଥାଇପାରେ, କିନ୍ତୁ ଏ ସବୁ କରିବାରେ ସେମାନେ ଅବହେଳା କଲେ ଜୀବନର ଅନ୍ୟ ଏକ ମହତକାର୍ଯ୍ୟ କରିବାରେ ଯେ ଭୁଲ୍ କରିବେ ଏଥିପାଇଁ ସତର୍କ ହେବା ଉଚିତ୍। ପରିବାର ଭିତରେ, କି ସମାଜରେ କିଏ ଶୁଣୁକି ନଶୁଣୁ, ବୁଝିକି ନ ବୁଝୁ କହିବାରେ ଅସୁବିଧା ନାହିଁ। ସେମାନଙ୍କର ଯଥାଯଥ ମୂଲ୍ୟବାନ ପରାମର୍ଶକୁ ଅନେକ ତାଚ୍ଛଲ୍ୟ ବି କରିବେ। 'ବୁଢ଼ାଟା ଅଯଥାରେ ଗପୁଛି, ପାଗଳ ହେଇଗଲେଣି', ଏମିତି ଅନେକ ତାଚ୍ଛଲ୍ୟପୂର୍ଣ୍ଣ ମନ୍ତବ୍ୟ ମନକୁ କଷ୍ଟ, ଯନ୍ତ୍ରଣାରେ ଆଚ୍ଛାଦିତ କରିପାରେ ତଥାପି ଆମ ପରବର୍ତ୍ତୀ ବଂଶଧର ମାନଙ୍କ ଭିତରୁ କେହି ନା କେହି ନିଶ୍ଚିତ ଆମ କଥାର ମହତ୍ତ୍ୱ ବୁଝିବେ ଏ ବିଶ୍ୱାସ ମନରେ ରଖି କାର୍ଯ୍ୟ କରିବା ଭଲ। ହଜାର ହଜାର ବର୍ଷ ତଳେ ମୁନୀ, ଋଷି, ସିଦ୍ଧ, ସାଧକମାନେ ଆମ ପାଇଁ ଯେଉଁ ସବୁ ମହତ୍ତ୍ୱ ପୂର୍ଣ୍ଣ ବାଣୀ ସେମାନଙ୍କ ଲେଖାରେ କି ଗ୍ରନ୍ଥରେ ଉଲ୍ଲେଖ କରିଯାଇଛନ୍ତି, ସେମାନେ ଦୃଢ ନିଶ୍ଚିତ ଥିଲେ ଯେ ଆମ ମାନଙ୍କ ଭିତରୁ କେହି ନା କେହି ତାଙ୍କ ମହନୀୟବାଣୀ ଆଦର୍ଶ, ଯୁକ୍ତି ସମ୍ମତ ବାର୍ତ୍ତା, ପଢିବେ ଓ ବୁଝିବେ। ନିଜ ନିଜ ଜୀବନର ଗତିପଥକୁ ସୁନ୍ଦର, ସରଳ, ଶୃଙ୍ଖଳିତ କରିବାକୁ ପ୍ରୟାସ କରିବେ। ସାମାଜିକ ବ୍ୟବସ୍ଥାରେ ଆଦର୍ଶ ମୂଲ୍ୟବୋଧର ପ୍ରତିଷ୍ଠା ହେବ। ଯଦି ଆମ ପାଇଁ ସେମାନେ କିଛି ଅଭିଜ୍ଞତା, ଜ୍ଞାନ, ଉପାଦେୟ ପରାମର୍ଶ ଆଦି ଛାଡ଼ି ଦେଇ ଚାଲିଯାଇ ନଥାନ୍ତେ ତେବେ ଆମେ କେଉଁ କଥାକୁ ଆଧାର କରି ସମାଜରେ ବଞ୍ଚୁଥାନ୍ତେ ? ସମୟର ପରିବର୍ତ୍ତନ ସହ ସେଇ ଅମୂଲ୍ୟ ବାଣୀର ଆତ୍ମିକ ପରିବର୍ତ୍ତନ ହେଇଥାଇପାରେ କିନ୍ତୁ ସତ୍ୟର ଅପଳାପ ହେବ ନାହିଁ। ଯେତେପ୍ରକାର ଦୁଷ୍କର୍ମ, ଦୁର୍ଗୁଣକୁ ସେମାନେ ଗ୍ରହଣ ନକରିବା ପାଇଁ କହିଥିଲେ ଆମେ ଆଜି ତାକୁ ସତ୍ୟ ବୋଲି ଭାବୁଛେ। ଯେଉଁମାନେ ଗ୍ରହଣ କରିପାରୁନାହାଁନ୍ତି ନା ସେମାନେ ଭଲରେ ବଞ୍ଚିପାରୁଛନ୍ତି ନା ଅନ୍ୟକୁ ଭଲରେ ବଞ୍ଚିବାର ସୁଯୋଗ ଦେଉଛନ୍ତି। ଏହା ହିଁ ଆଜିର ସମାଜରେ ବିଡ଼ମ୍ବନା। ଆମର ଐତିହ୍ୟ, ସଂସ୍କୃତି, ପରମ୍ପରା କଥା କହି ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ମହାନ୍ ବ୍ୟକ୍ତିତ୍ୱ ମାନଙ୍କର କିଛି କଥାକୁ ଆମେ ଗ୍ରହଣ କରିବାରେ ବିମୁଖ ହେଇପାରିବା, କିନ୍ତୁ ଅତ୍ୟାବଶ୍ୟକ ବାର୍ତ୍ତାକୁ ଗ୍ରହଣ ନ କଲେ ଜୀବନ ଅର୍ଥ ହୀନ, ଦୁଃଖପୂର୍ଣ୍ଣ, ହା-ହୁତାଶରେ ପରିପୂର୍ଣ୍ଣ ହେଇଯିବ ଏହା ନିଶ୍ଚିତ। ତେଣୁ କାହାକୁ ଉପଦେଶ ଦେଇ ତାର ଜୀବନ ପ୍ରବାହକୁ ଗତିଶୀଳ କରିବାରେ ବୟସ୍କମାନେ ଆଗ୍ରହୀ ହେବା ସର୍ବାଦୌ କର୍ତ୍ତବ୍ୟ! ଗୋଟିଏ କୂପ କିମ୍ବା ପୁଷ୍କରଣୀର ଜଳ ଦୀର୍ଘଦିନ ଧରି ଚଳପ୍ରଚଳ ବା ନିଷ୍କାଷନ ନହେଲେ ଦୂଷିତ ହେବା ନିଶ୍ଚୟ। ନିଜ ଭିତର ମୂଲ୍ୟବାନ ଅଭିଜ୍ଞତା, ସାମାଜିକ ବାର୍ତ୍ତାରେ ରୂପାନ୍ତରିତ ନ କଲେ ତାହା ମୂଲ୍ୟହୀନ ହେଇଯିବ। ଶରୀରର ପରିସମାପ୍ତିରେ ଏହି ଜ୍ଞାନର ଶେଷ ବିନ୍ଦୁ ନିଜ ଭିତରେ ବିଲୀନ ହେଇଯିବ। ସମାଜର ଉପକାରରେ ଲାଗିପାରିବନି। ନଡ଼ିଆ ଗଛରେ, ସେଦିନ କଅଁଳ ପତ୍ରରେ ସଜ୍ଜିତ ବରଡ଼ାଟି ଉପର ଭାଗରେ ରହି ସମୟକ୍ରମେ ସବୁ ସୁଖ, ସୌଭାଗ୍ୟ, ଉପଭୋଗ କରିଥିବାବେଳେ ଆଜି ପାଚିଲା ବରଡ଼ା ଭାବରେ ତଳକୁ ଖସିପଡ଼ିବାର ଦୁର୍ଦ୍ଦଶା, ଦୁଃଖରେ ଅଧୀର, ଆତ୍ମଶୋଚନା କରିବ କାହିଁକି ? ଏହା ତ ପ୍ରକୃତିର ନିୟମ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ସୃଷ୍ଟି ଅଛି ମାନେ ସଂହାର ଅଛି। ସବୁଦିନ ପାଇଁ ତେଲ ଢାଳି ଦୀପ ଲଗେଇ ରଖିବା ସମ୍ଭବ ହୁଏ, ମାତ୍ର ଏହା ଜଣେ ସବୁବେଳେ କରିହେବ ନାହିଁ। ପରବର୍ତ୍ତୀ ଜଣଙ୍କର ସହାୟତା ଆବଶ୍ୟକ ହେବ। ତେଣୁ ଆତ୍ମା ଏ ଗୋଟିଏ ଶରୀରକୁ ସବୁବେଳେ ଜାବୁଡି ଧରିଥିବ କାହିଁକି ?

ପାଚିଲା ବରଡ଼ାଟି କେବେ ତଳକୁ ଖସିବ, ତଳେ କେଉଁଠି ପଡ଼ିବ, ପଡ଼ିବା ପରେ ସେ ଜଳିବ କି ସଢ଼ିବ କିଛି ବି ସେ ଜାଣିନଥାଏ। ସବୁକିଛି ପ୍ରକୃତିର ନିୟମରେ ସଂଘଟିତ ହେବ । ମଣିଷର ଶେଷ ଜୀବନ କେଉଁଠି ସରିବ, କେଉଁଠି କଟିବ କିଏ ଜାଣିଛି ? ମୃତ୍ୟୁ ପରେ ଏ ଶରୀର ପୋଡ଼ି ଯିବ କି ପଚି ସଢ଼ିଯିବା ବା ଅନ୍ୟକିଛି ହେବ ତା'ବି କିଏ କହିପାରିବ? ଯଦି ଏସବୁ କିଛି ଆମ ଜାଣିବାରେ ନାହିଁ କି କରିବାରେ ନାହିଁ ତେବେ ଆମେ ଅସ୍ଥିର, ହେବା କାହିଁକି ? ଯାହା ଦ୍ୱାର ଏସବୁ କାର୍ଯ୍ୟ ନିୟନ୍ତ୍ରିତ ହେବ ତାଙ୍କୁ ବୁଝିବାରେ, ଜାଣିବାରେ ପ୍ରୟାସ ନ କରିବା କାହିଁକି ?


ତଳ ବରଡ଼ା ଅର୍ଥାତ୍ ସମାଜର ବୟସ୍କ ବ୍ୟକ୍ତିମାନେ ଏ ସବୁ ଅଭିଜ୍ଞତା ସଂଚୟ କରି ମଝି ବରଡ଼ା ଅର୍ଥାତ୍ ଯୁବକ ମାନଙ୍କର ଉଦ୍ଦାମତାକୁ ଲକ୍ଷ୍ୟ କରି ହସିବା ଉଚିତ ସଚେତନ ବି କରିବା ବିଧେୟ। ସେମାନେ ସୁଖ, ସମୃଦ୍ଧି, ସୌନ୍ଦର୍ଯ୍ୟ ଉପଭୋଗ କରିବାରେ ସଂଯମତା ଅବଲମ୍ବନ କରନ୍ତୁ। ସେମାନଙ୍କର ଦିନ କାଳ ସରି ଆସୁଛି ଭାବି ବ୍ୟଥିତ କିମ୍ବା ବିମର୍ଷ ହୁଅନ୍ତୁ ନାହିଁ। ଏହି ବୟସରେ ସମୟର ମୂଲ୍ୟ ବୁଝି ସମୁଚିତ, ସାମାଜିକ ଓ ସାଂସାରିକ କାର୍ଯ୍ୟରେ ଅନୁବ୍ରତୀ ହୁଅନ୍ତୁ। ଶେଷ ହୋଇ ଆସୁଥିବା ଜୀବନର ଗତି ପ୍ରବାହକୁ ଅନୁଶୀଳନ କଲେ ସେମାନେ ବି ବୁଝିପାରିବେ ଯେ ଆମ୍ଭମାନଙ୍କର ସମୟ ବି ଏମିତି ଦିନେ ଆସିବ ନିଶ୍ଚୟ। ଏହା ବି ପ୍ରକୃତିର ନିୟମ। ଅନୁଶୋଚନା ଅପେକ୍ଷା ସେବା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟର ମାନସିକତା ସୃଷ୍ଟି କରି କାର୍ଯ୍ୟ କଲେ ସେମାନଙ୍କ ମନର ବ୍ୟଥା ଉପଶମ ହେବା ସହ ବୟସ୍କ ମାନଙ୍କର ଅସହାୟତା ଭାବ ଦୂରୀଭୂତ ହେବ ଏହା ସୁନିଶ୍ଚିତ। ମଝି ବରଡ଼ାମାନେ ଭବିଷ୍ୟତ ଚିନ୍ତାରେ ଦୁଃଖ ପରିତ୍ୟାଗ କରିବା ଉଚିତ।

ଆଉ ରହିଲା ଉପର ବରଡ଼ାମାନଙ୍କ କଥା। ଉପର ବରଡ଼ାମାନେ ତ ଛୋଟ। କଅଁଳପତ୍ର ପରି ସେମାନଙ୍କର କୋମଳ ମନ। ଅନେକ ସ୍ୱପ୍ନ, ଅନେକ କଳ୍ପନା, ଆଶା ମନରେ ଆସିବା ସ୍ୱାଭାବିକ। ଆମେ ତରବରଡ଼ା ମାନେ ସମାଜର ଏଇ କୋମଳମତିମାନଙ୍କୁ ଆଘାତ ଦେବାନି। ଅବାଟକୁ ଆପଣେଇବାର ବାର୍ତ୍ତା ବି ଦୋବନି। ସ୍ୱପ୍ନ ଓ ସମ୍ଭାବନାର ସଫଳ ରୂପାୟନ ପାଇଁ, ପ୍ରଜାପତିମାନଙ୍କ ଡେଣାରେ ଆହୁରି ଶକ୍ତି ସଂଚର କରିବାର ପ୍ରୟାସ କରିବା। ଆମେ ସେମାନଙ୍କ ମାନସିକ ଅବସ୍ଥା, ଚଳଚଞ୍ଚଳ ଜୀବନକୁ ଦେଖି ହସିବା ତ ସ୍ୱାଭାବିକ। କିନ୍ତୁ ସେମାନଙ୍କ ପାଇଁ ଆମର ହସ ତାଚ୍ଛଲ୍ୟପୂର୍ଣ୍ଣ ନହୋଇ ଆତ୍ମବିଶ୍ୱାସମୟ ହେଉ। ହତୋତ୍ସାହିତ ନକରି ପ୍ରୋତ୍ସାହିତ କଲେ ସେମାନେ ମଝି ବରଡ଼ାମାନଙ୍କୁ ବୁଝିବାକୁ ସମୟକ୍ରମେ ରହିଁବେ, ଆଉ ତଳ ବରଡ଼ାଙ୍କ ଆବଶ୍ୟକତା ପୂରଣ ପାଇଁ ପ୍ରୟାସ କରିବେ। ଏକ ସରଳ ରେଖାର ଶେଷ ବିନ୍ଦୁ ପ୍ରାରମ୍ଭ ବିନ୍ଦୁର ମହତ୍ତ୍ୱ ବୁଝିଗଲେ ନିଜର ତ ମଙ୍ଗଳ ହେବ ସମାଜର ବି କଲ୍ୟାଣ ହେବ।

ବୟସର ଅପରାହ୍ନରେ ପାଚିଲା ବରଡ଼ା ପରି ସମାଜର ବରିଷ୍ଠ, ବୟସ୍କ ମଣିଷମାନେ ସମସ୍ତଙ୍କୁ ଆତ୍ମୀୟତାର, ଅଭିଜ୍ଞତାର ସୁଦୃଢ ବାର୍ତ୍ତା ପ୍ରେରଣ କରି ମୁହଁରେ ଯନ୍ତ୍ରଣା, ଅପେକ୍ଷା ହସ ଫୁଟେଇଲେ ତାହା ପର ପିଢ଼ି ପାଇଁ ପ୍ରେରଣାର ଉତ୍ସବ ହେବ ନିଶ୍ଚୟ। ତଳ ବରଡ଼ା ଖସିବାର ଭୟ ପରିହାର କରି ଖସିବାର ମୋହ ସୃଷ୍ଟି କଲେ ସବୁ ଦୃଷ୍ଟିରୁ ମଙ୍ଗଳ ହେବ।

ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ-୯୪୩୮୦୪୮୬୧୫

# ସରକାରଙ୍କ ଦୋମୁହାଁ ନୀତି କାହିଁକି ?



## ସୁବ୍ରତ କର

**ସାରା ରାଜ୍ୟ ଏଥିରେ ନିଶ୍ଚୟ ଖୁସି ହୋଇଥିବେ କେବଳ ୨୬୬୦୦ ଭଦ୍ରଲୋକଙ୍କୁ ଛାଡ଼ି । ଏହି ୨୬୬୦୦ ଜଣ ଏବେ ଏବେ ୧୧୦୯ଟି ମଦ ଦୋକାନ ନିଲାମ ନେବା ପାଇଁ ପ୍ରତିଯୋଗିତାରେ ଉହ୍ଲାଇଥିଲେ । ଏହା ପାଇଁ ସର୍ତ୍ତ ଥିଲା ପ୍ରତି ପ୍ରତିଯୋଗୀ ପ୍ରତି ଦୋକାନ ପାଇଁ ୩ ଲକ୍ଷ ଟଙ୍କା ସରକାରଙ୍କ ପାଖରେ ପଇଠ କରିବେ ଏବଂ ଯଦି ଦୋକାନ ନ ମିଳେ ୩ ଲକ୍ଷ ଟଙ୍କା ଲେଖାଏଁ ପଇଠ କରିଥିଲେ ଏବଂ ଏହି ଟଙ୍କାର ପରିମାଣ ପ୍ରାୟ ୮୦୦ କୋଟି ଟଙ୍କା । ସରକାର ଅତି ସୁବିଧାରେ ଏବଂ ସହଜରେ ୮୦୦ କୋଟି ଟଙ୍କା ରୋଜଗାର କରିନେଲେ ।**

ଏବେ ଆମ ରାଜ୍ୟ ସରକାର 'ନିଶା ମୁକ୍ତ ଭାରତ ଅଭିଯାନ' ବାର୍ଷିକ ଉତ୍ସବ ଅଗଷ୍ଟ ମାସ ୧୮ ତାରିଖ ଦିନ ପାଳନ କରିବେ ବୋଲି ଠିକ କରିଛନ୍ତି। ସାରା ରାଜ୍ୟ ଏଥିରେ ନିଶ୍ଚୟ ଖୁସି ହୋଇଥିବେ କେବଳ ୨୬୬୦୦ ଭଦ୍ରଲୋକଙ୍କୁ ଛାଡ଼ି । ଏହି ୨୬୬୦୦ ଜଣ ଏବେ ଏବେ ୧୧୦୯ଟି ମଦ ଦୋକାନ ନିଲାମ ନେବା ପାଇଁ ପ୍ରତିଯୋଗିତାରେ ଉହ୍ଲାଇଥିଲେ । ଏହା ପାଇଁ ସର୍ତ୍ତ ଥିଲା ପ୍ରତି ପ୍ରତିଯୋଗୀ ପ୍ରତି ଦୋକାନ ପାଇଁ ୩ ଲକ୍ଷ ଟଙ୍କା ସରକାରଙ୍କ ପାଖରେ ପଇଠ କରିବେ ଏବଂ ଯଦି ଦୋକାନ ନ ମିଳେ ୩ ଲକ୍ଷ ଟଙ୍କା ଲେଖାଏଁ ପଇଠ କରିଥିଲେ ଏବଂ ଏହି ଟଙ୍କାର ପରିମାଣ ପ୍ରାୟ ୮୦୦ କୋଟି ଟଙ୍କା । ସରକାର ଅତି ସୁବିଧାରେ ଏବଂ ସହଜରେ ୮୦୦ କୋଟି ଟଙ୍କା ରୋଜଗାର କରିନେଲେ । ଏହି ପଦ୍ଧତିରେ ବହୁତ ଲୋକ, ବିଶେଷ କରି ବିହାରୀ ବାବୁମାନେ, ଲାଭବାନ ହୋଇ ପାରିଛନ୍ତି (ପ୍ରାୟ ୫୦ ଭାଗ) । ଆମ ରାଜ୍ୟର ମଦ ବ୍ୟବସାୟୀ ମାନେ ଭକୁଆ ବନିଗଲେ । ସରକାରଙ୍କ ଟଙ୍କା ରୋଜଗାର କରିବାର ଅତିଉତ୍ତମ ପଦ୍ଧତି ଥିଲା ଏବଂ ଏଥିରେ କିଛି କଳା ଟଙ୍କା ଧଳା ହୋଇଗଲା । ଏଥିରେ ନିଶ୍ଚୟ ଭାବରେ ମଦ ବ୍ୟବସାୟୀ ମାନଙ୍କୁ ପ୍ରଚୁର ଲାଭ ହେଉଥିବ । ଏଠାରେ ଗୋଟାଏ ଉଦାହରଣ ମୁଁ ରଖୁଛି ଆମ ଜିଲ୍ଲାରେ (ବାଲେଶ୍ୱର) ୫୪ଟି ମଦ ଦୋକାନ ପାଇଁ ୫୮୫ ଜଣ ମଦ ବ୍ୟବସାୟୀ ହେବାକୁ ଚେଷ୍ଟା କରିଥିଲେ । ଏହା ହେଲା ସରକାରଙ୍କ ଗୋଟାଏ ପଟ । ଏବେ ଆସିବା ଆର ପଟକୁ । ସରକାର ଠିକ୍ କରିଛନ୍ତି ନିଶାମୁକ୍ତ ରାଜ୍ୟ ପାଳନ କରିବା ପାଇଁ ୧୮ ଅଗଷ୍ଟରେ । ଏହି ଉତ୍ସବ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ଏହା ମଧ୍ୟ ଠିକ ହୋଇଛି ରାଜ୍ୟର ଜନସଂଖ୍ୟାର ୧୦ ଭାଗ ନିଶାଦ୍ରବ୍ୟ ସେବନ ବିରୋଧରେ ଏକତ୍ରିତ ହୋଇ ସଂକଳ୍ପ ପାଠ କରିବେ । ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଦିଆ ହୋଇଛି । ଏଥିରେ ସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ, ବ୍ଲକ, ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଘରୋଇ ଅନୁଷ୍ଠାନ ଏବଂ ସାଧାରଣ ଅନୁଷ୍ଠାନମାନେ ଭାଗ ନେଇ ଶପଥ ପାଠ କରିବେ ଏବଂ ସାଧାରଣ ଜନତାଙ୍କୁ ସଚେତନ କରିବେ । ଏହାକୁ ଫଳପ୍ରଦ କରିବା ପାଇଁ ସଂକଳ୍ପ ପାଠର ଓଡ଼ିଆ କପି ଦିଆଯିବ, ଏବଂ ବିଭାଗ ଯଥାସିଦ୍ଧ ଚେଷ୍ଟା କରିବ ଏହାର ପ୍ରଚାର ପ୍ରସାର କରି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ । ଲୋକଙ୍କୁ ଜଣେଇବ ଆପଣମାନେ ନିଶା ଦ୍ରବ୍ୟ (ବିଶେଷକରି ମଦଠୁ ଦୂରେଇ ରହନ୍ତୁ । ଏହିଠାରେ ପ୍ରଶ୍ନ ଉଠୁଛି ସରକାରଙ୍କ ଏ କି ପ୍ରକାରର ବାର୍ତ୍ତା । ଗୋଟାଏ ବିଭାଗ ମଦ ନିଲାମ ପାଇଁ ପ୍ରାଣପଣେ ଚେଷ୍ଟା କରି ୮୦୦ କୋଟି ଟଙ୍କା ସରକାରୀ ତହବିଲକୁ ଆଣିବା, ଆଉ ଗୋଟାଏ ପଟରେ ଟଙ୍କା ଖର୍ଚ୍ଚ କରି ସାଧାରଣ ଜନତାଙ୍କୁ ସଚେତନ କରିବା ଆପଣମାନେ ନିଶାଠୁ ଦୂରେଇରହନ୍ତୁ । ଏଥିରୁ ଆପଣମାନେ ବୁଝନ୍ତୁ ସରକାର ସତରେ କଣ ଚାହୁଁଛନ୍ତି ।

## କବିତା କୋଣାର୍କ

### ବର୍ଷାରାଣୀ.....

### ରାମଚନ୍ଦ୍ର ବେହେରା



ଆସିଲାଣି ବର୍ଷାରାଣୀ
ସୁଶୀତଳ ଜଳର ପରଶେ
ତରୁଲତା ସବୁଜ ବନାନୀ
ନୀଳ ବର୍ଣ୍ଣ ଗାଲିଚାରେ
ବସୁଧା ସଜେଇ ହେଲାଣି
ବନ୍ୟଜନ୍ତୁଂକ କୁହାଟ ଚିତ୍କାର
ଧୀରେ ଧୀରେ ଉଭେଇ ଗଲାଣି
ନଈ ନାଳ ଭରିଲାଣି ଗୋଳିଆ ପାଣିରେ
ବନ୍ୟା ତା'ର ଆଭାସ ଦେଲାଣି
ଗରିବଂକ ପଲିଥିନ ଛପର ଫାଟି
ଘରେ ପାଣି ଜମିଲାଣି
ଲଗାତାର ଝିପିଝିପି ବର୍ଷାର କାରଣେ
ଦୀନ ମଜୁରିଆ ମୂଲ ବିନା
କଡା ସର୍ତ୍ତେ କରଜ ନେଲାଣି
ଚଷାଭାଇ ତା କ୍ଷେତରେ
ଚାରା ରୋଇଲାଣି
ସ୍କୁଲ ଯିବା ସମୟରେ
ବର୍ଷାଟା ବାଧକ ହେଲାଣି
ଛତା ବିନା ଭିଜି ଭିଜି
ନାକରୁ ପାଣି ବୋହିଲାଣି
ମଶାଂକ ବଂଶ ବିସ୍ତାରରେ
ଡେଂଗୁ ଧୀରେ ମୁଣ୍ଡ ଟେକିଲାଣି
କାଉଡିଆଂକ ଜଳ ସମର୍ପଣେ
ଭୋଳାନାଥ ପ୍ରସନ୍ନ ହେଲେଣି
ଇନ୍ଦ୍ରଧନୁ ସପ୍ତରଂଗ
ବାଦଲର ବୁକୁ ଚିରି
ଆକାଶରେ ଖୁବ ହସିଲାଣି.....
ବାଡିରେ ଟଗର,ତରାଟ
ନଦୀତଟେ କଇଁ ଓ ପଦୁଅଁ
ଲୋକଂକ ମନ କିଣିଲେଣି
କଦମ୍ବର ସୁନ୍ଦର ମହକ
ନଦୀପଠା ଶୁଭ୍ର କାଶତଣ୍ଡୀ
ପବନରେ ଦୋଳି ଖେଳିଲେଣି
ଝିଂକାରୀ ଓ ଭେକର କର୍କଶ ସ୍ୱର
କାନକୁ ଖୁବ ବାଧିଲାଣି
ସେଥିଲାଗି ଲାଗୁଅଛି
ମୌସୁମୀର ସବାରିରେ
ଆସିଲାଣି ବର୍ଷାରାଣୀ
ଝରଝର ପାଣିର ପରଶେ
ଧରଣୀ ମା' ଖୁବ ଭିଜିଲାଣି...

+ତେନ୍ତୁଳିପଦା,ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

### ମାଆର ମରମ କଥା

### ଜୟନ୍ତ କୁମାର ମଲ୍ଲିକ୍



ପୁଅ ବୋହୂ ମୋତେ ପଚାରୁ ନାହାନ୍ତି
ଭତ୍ତା ପଇସାରେ ଚଳୁଛି
ଡାଲି ତରକାରୀ ବିନା ନରୁଚ଼ଇ
ନଖାଇକି ଭାତ ବଳୁଛି
ଗାଆଁରେ କାହାର ହେଲେ ଭୋଜିଭାତ
ଭଲରେ ଗଣ୍ଡେ ମୁଁ ଖାଉଛି
ମନ୍ଦିରରେ ଥିବା ପଥର ଦିଅଁକୁ
ଦୁଃଖ କହିବାକୁ ଯାଉଛି
କରି ଓଷା ବ୍ରତ ପାଇଥିଲି ପୁଅ
ବଦଳି ଯାଇଛି ଆଜିତ
ନାଆଁକୁ ସିନା ମୁଁ କୋଟିପତି ମାଆ
ବୁଲେ ଭିକାରୁଣୀ ସାଜିତ
ପାଳିବାରେ ବୋଧେ ରହିଗଲା ତୃଟି
ପୁଅ କଲା ତେଣୁ ପରତ
ମଶାଣୀ ପରିକା ଲାଗେ ଶୂନଶାନ
ମୋର ଏ ଦାମିକା ଘରତ
ପୁତ୍ ନରକରୁ ଉଦ୍ଧାରିବା ପାଇଁ
ଜନମି ଥାଆନ୍ତି ପୁଅତ
ଏବେ କିନ୍ତୁ ମୋଅ ପୁଅ ମୋ ପାଇଁ
ସାଜିଅଛି ସ୍ୱାର୍ଥ ସୁଅତ
ମାଆର ମରମ କଥା ବୁଝିବାକୁ
ନାହିଁ ବିବେକ ତା' ପାଖରେ
ମନରୁ ପୂରାସେ ଯାଇଅଛି ଭୁଲି
ବଢ଼ିଥିଲା କୋଳ କାଖରେ ।

+ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ:-୯୪୩୭୮୬୫୭୨୭

## ବାପା

### ଅମରନାଥ ବାରିକ୍



ଆମ ପାଇଁ ସେ ପରାଣ ଦିଏ
କାନ୍ଧେ ବସାଇ ମେଳାକୁ ନିଏ
ସିଏ ଆମ ଠାକୁର,
ଯା' ହାତ ଧରି ଚାଲି ଶିଖିଲେ
ଯା' ଠାରୁ ଆମେ କଥା ସିଖିଲେ
ସିଏ ବାପା ଆମର ।

ବାପା କାନ୍ଧରେ ପକାଇ ଥାନ୍ତି
ଝାଳ ବୋହିଲେ ପୋଛି ଦିଅନ୍ତି
ନିତି ପଡ଼ଇ ଖୋଜା,
ଢାଉଆ ରଙ୍ଗ ଭାରି ସୁନ୍ଦର
ସୂତାରେ ଗଢ଼ା ହୁଏ ଆଦର
ବାପାଙ୍କ ଏ ଗାମୁଛା ।

ହାତରେ ଧରି ଶାସନ କରି
କଠୋର କଥା କୁହନ୍ତି ମାରି
ଆମ ପାଇଁ ତ ହିତ,
ପାହାର ବସେ ଦୃଷ୍ଟାମି କଲେ
ଚାଇଁ ଚାଇଁ ତା' କଷଣ ଭଲେ
ବାପାଙ୍କର ସେ ବେତ ।

ଆମକୁ ମାରି ଲୁଚି କାନ୍ଦନ୍ତି
ଶୋଇଲା ବେଳେ ଆଉଁସି ଥାନ୍ତି
ଆଖିରୁ ଝରେ ଝର,
ଖୁସିରେ ଝରେ ଦୁଃଖରେ ଝରେ
ଓଠ ଚାପିକି ନିଗାଡ଼ି ଧିରେ
ଲୁହ ବାପା ଆଖିର ।

ଖାଲି ପାଦରେ ଯାଆନ୍ତି ଚାଲି
ସବୁ କଥାକୁ ମନରୁ ଭୁଲି
କଣ୍ଟା ହେଉ କି ନିଆଁ,
ବରଷ ଯାକ ଖଣ୍ଡେ କପଡ଼ା
ନ ପଡ଼େ ତାଙ୍କ ନୂତନ ଲୋଡ଼ା
ଜୀବନ ମାଟି ଧୂଆଁ ।

ଆମ ଜୀବନ ସାକାର ପାଇଁ
ଝଡ଼ ବତାସ ମାନନ୍ତି ନାହିଁ
ଦେହ ପାଆ ନା ଡ଼ର,
ଭୋକରୁ ପେଟେ ନିଜେ ରୁହନ୍ତି
ଆମକୁ ଆଣି ଖୁଆଇ ଥାନ୍ତି
ଏହି ଦେବତା ମୋର ।

ଯେତେ ଭାଙ୍ଗିଲେ ଦାମୀ ଜିନିଷ
ତଥାପି ବାପା ମୋଡ଼ନ୍ତି ନିଶ
କୁହନ୍ତି ହଉ ହେଲା,
ଆଉ ଆଣିବି କାନ୍ଦନା ତୁହି
ଯେତେ ପଇସା ଲାଗୁରେ ସେହି
ବୋଉ ଯା' କହୁ ଭଲା ।

ଯେତେ ଲେଖିବି ବାପାଙ୍କ ପାଇଁ
ଅସରନ୍ତିର ଭଣ୍ଡାର ସେହି
ସରିବ କେତେ ଯୁଗ
ସେ ଥିବା ଯାଏଁ ମୁଁ ପରା ରାଜା
ତାଙ୍କରି ବିନା ମୁଁ ନୁହେଁ ଖୋଜା
ମୁଁ କେଉଁ ବନ ମୃଗ !


+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ମୋ - ୯୫୪୦୩୦୮୦୯୫
(ନୂଆଦିଲ୍ଲୀ)


## ଅପରିଚିତ

### ଶୁଭସ୍ମିତା ତ୍ରିପାଠୀ



କିଏ ତମେ ?
ଯେତେବେଳେ ଶୂନ୍ୟ ପଡିଥାଏ
ପୃଷ୍ଠା ଗୋଟାକ
ଲୁହ ଟିକିଏ ଶବ୍ଦ ହେଇ ଉତୁରି
ପାରୁନଥିବାର ଦରଜରେ,
ଯେତେବେଳେ ସ୍ୟାହି ଟୋପେ
ଶୁଖେଇ ଦେଉଥାଏ ରକ୍ତ
ଯେତେବେଳେ ମୋ ପୃଥିବୀର ଅନ୍ଧାର
ଅକ୍ତିଆର କରିନିଏ ନୀଳକଇଁ
ପାଖୁଡାର ସବୁତକ ନୀଳରଙ୍ଗ,
ଯେତେବେଳେ ସମୁଦ୍ରର ପ୍ରତାରଣାରେ
ଛନ୍ଦହରା ହୁଏ ଆଖିନଈ,
ଯେତେବେଳେ ଅଭିମାନରେ
ଉଡାଣ ନାକଚ କରି
ସ୍ୱପ୍ନର ହଳଦୀ ବସନ୍ତ ଚଢେଇ ଭୋଗୁଥାଏ
କଣ୍ଢେଇ କୋଳି ରଙ୍ଗର ସ୍ୱପ୍ନଭଙ୍ଗ
ସେତେବେଳେ କାହିଁକି ତମେ

ଗୋଟେ ନଥିବା ଫୁଲର ମହକ ହେଇ
ଭାସି ଆସ ପବନରେ ?
କାଚ ଭଳି ଝଣଝାଣ ଶବ୍ଦରେ
ଭାଙ୍ଗି ଚିତମାତ ଆଖି ହଳେ,
ପୁରୁଣା ସହର ଭଳି ବାଲି ତଳେ
ପୋତି ହେଇ ପଡିଛି ଆକାଂକ୍ଷା,
କୁହୁଡି ରଙ୍ଗର ନିଶବ୍ଦତାରେ ଏବେ ବନ୍ଦୀ
ରକ୍ତ ଗୋଲାପର ପୃଥିବୀ,
ଧାନଫୁଲଙ୍କ ଶିରାପ୍ରଶିରାରେ
ଅଦିନ ମେଘର ଗନ୍ଧ,
ନିଃସଙ୍ଗ କୋଇଲି ଗୀତରୁ
ବି ସରି ସରି ଆସୁଛି ବସନ୍ତ !

କିଏ ତମେ ? ଏ ବେଳେ କାହିଁକି ଆସିଛ ?
ସୋରାଏ ପାଉଁଜିରୁ ହଜିଚି
ସାତଯୋଡ଼ା ଝୁମୁକା,
ତଳିପାଦର ତାତିଲା ଭୂଇଁରେ
ଲୁଚିଛି ମାଳତୀ ଗଛର କଣ୍ଟା,
ଅତର୍କିତ ଗୋଟେ ମାୟାବିନୀ ସକାଳ ପାଖରେ
ଫୁଲ ମାନଙ୍କର ଆଉଟିକେ
ଜିଇଁ ରହିବାକୁ ପ୍ରାଣମୂର୍ଚ୍ଛା ପ୍ରାର୍ଥନା !
ମୁଁ ଖୋଜୁଛି ଆଞ୍ଜୁଳାଏ ପଦ୍ମପତ୍ରର
ଢଳଢଳ ପାଣିଟୋପା
ଲିଭେଇ ଦେବାକୁ ଯୋଡିଥିବା ପଦ ଯେତେ
ଗାଉଛି ଯେତେ ସବୁ ମୋହଛଡ଼ା ଗୀତ
କୁହ, କିଏ ତମେ... ?
ଯେତେବେଳେ ମୁଁ ପାଦ, ମୁଁ ବାଟ
ମୁଁ ନକ୍ଷତ୍ର, ମୁଁ ସମୁଦ୍ର
ମୁଁ ଭ୍ରମ, ମୁଁ ଭେଦ
ମୁଁ ଶୂନ୍ୟ,ମୁଁ ଶବ୍ଦ
ସେତେବେଳେ କାହିଁକି ତମେ
ମୋର ଅଥର୍ବ ହେଇ ଯାଉଥିବା ଦୁଇହାତ !?


+ ବ୍ରହ୍ମପୁର, ଗଞ୍ଜାମ


## ହୃଦୟ

### କନ୍ଦର୍ପ ବେହେରା



ମୁଁ ପର୍ବତ ଉପରେ
ତୁମ ନାମକୁ ଡାକିଥାଏ
ଏବଂ ଆକାଶ ତାହା ଶୁଣେ
ଯେତେବେଳେ ମୁଁ ତୁମକୁ
ଏହିପରି ଦେଖେ
ମୁଁ ମୋ ହୃଦୟର ସ୍ପନ୍ଦନ ଶୁଣିପାରେ ।
ରାତିରେ ଶୋଇପଡ
ମୁଁ ସ୍ୱପ୍ନରେ ତୁମର ଫଟୋ ଦେଖେ ।

ଯେତେବେଳେ ମୁଁ ତୁମ ବିଷୟରେ ଭାବୁଛି
ମୁଁ ତୁମକୁ ମୋ ଆଗରେ ଦେଖିବି
ମୁଁ ଏହି ପ୍ରକୃତିକୁ କହୁଛି
ତୁମେ କି ପ୍ରକାରର ହୃଦୟ ତିଆରି କରିଛ ।

ମୁଁ ସମୁଦ୍ର କୂଳକୁ ଯାଏ
ଆଉ ତରଙ୍ଗରେ ତୁମର ନାମ ଶୁଣେ ।
ଯେତେବେଳେ ସକାଳ ହୁଏ
ମୁଁ ସୂର୍ଯ୍ୟର କିରଣ
ଏବଂ ପକ୍ଷୀମାନଙ୍କ ଶବ୍ଦରେ
ତୁମର ନାମ ଶୁଣେ ।

ହେ ମୋ ପ୍ରିୟତମା
ତୁମର ସୁନ୍ଦର ହସରେ ମୁଁ
ତୁମର ପ୍ରେମକୁ ବୁଝିପାରେ
କିନ୍ତୁ ତମେ ମୋ ପ୍ରେମକୁ
ବୁଝିପାର ନା ଜାଣେନା ।


+ କବି କୁଟିର, ସା/ପୋ-ଡଇଁଚା ,
ରେଢାଖୋଲ, ସମ୍ବଲପୁର
ପିନ୍-୭୬୮୧୦୬
ମୋ-୯୪୩୮୧୫୦୬୩୧


## ଏକ ଅମୀମାଂସିତ ପ୍ରଶ୍ନ

### ଇନ୍ଦୁମତୀ ପାତ୍ର



ଜୀବନ ଏକ ଅଦୃଶ୍ୟ ସ୍ପନ୍ଦନ
ଏଇ ଅଛି ଏଇ ନାହିଁ
ଥିଲା ବେଳେ ଥାଟ ବାଟ
ନ ଥିଲେ କୋକେଇର ସଜ
ଅଢେଇ ଦିନକୁ କେତେ ଯେ ବଡେଇ
ବୁଝିବାଟା କେଡେ ଅସହଜ ।
ପେଡି ସାଇତା ଲୁଗା ପରି ଜୀବନ
ସେଇଥିପାଇଁ ପୁଣି ଯୁଦ୍ଧ
କାହା ନା କାହା ସହ
ତମାମ ସମୟ ।
ଘୋଡା ଦୌଡ଼ ପରି
ସୁଖର ଅନୁଭବ ,
ଦୁଃଖର ପାରାବାର ଅସୀମ ଅନନ୍ତ
ତଥାପି ଏଡି ହୁଏନି
ଜୀବନ ରୂପୀ ପ୍ରବାଳ ଦ୍ୱୀପର ସ୍ୱପ୍ନ ।
ତେବେ ଜୀବନ କଣ
ମୁଠାଏ ଶୂନ୍ୟତାର ନାଁ ?
ସାରୁ ପତ୍ରରେ ଢଳ ଢଳ
ବୁନ୍ଦାଏ ଜଳ ?
ଛ' ଖଣ୍ଡ କାଠର ଶେଜ ?
ଜୀବନ ର ଶେଷ ଚଉତିଶା ?
ନା ଅଚିହ୍ନା ମୋହର ବାସ୍ନା,
ମେଞ୍ଚାଏ ଅବୁଝା ଅନ୍ଧାର ପରି ଜୀବନ
ନା ଆଲୋକର ଦୀପ୍ତିରେ ଝଲ ମଲ ।
କିଏ କହି ପାରିବ ?
କେଉଁଠୁ ଆସେ ଜୀବନ
ପୁଣି କେଉଁଠିକୁ ଯାଏ
ଏ ତ ଏକ ଅମୀମାଂଶିତ ପ୍ରଶ୍ନ
ସମୟ ଦେଇ ପାରେନା ଉତ୍ତର
ଅହରହ ଖୋଜି ହେଉଥାଏ ମଣିଷ
ଏବଂ ତାର ଶୂନ୍ୟ ସଂଚାରୀ ପଣ ।


+ ଗୌର ତୋଟା ସାହି
କେନ୍ଦୁଝର ଗଡ଼ ।
ମୋ: ୯୮୬୧୬୪୯୦୨୯


## ବର୍ଷାଭିଜା ରାତି

### ଡ. ଦୀପକ କୁମାର ମିଶ୍ର



ନୀଳଆକାଶରୁ ନଗଦ ପ୍ରେୟସୀ
ଝରେ ଠୋ ଠୋ ହସି
ସବୁଜ ପତ୍ରର ବକ୍ର ବୟସରେ
ପିଚକାରୀ ମାରେ ଖସି
ଫୁଲ ପାଖୁଡ଼ାରୁ ରଙ୍ଗ ଝରୁଛି
ମନରେ ମୁରୁଜ ଆଙ୍କି
ବିଧୂରିତ ଏଇ ବର୍ଷଣ ରାତିରେ
ପ୍ରୀତିଚୁମ୍ବନ ଆଙ୍କେ ଝୁଙ୍କି ।

ସ୍ୱପ୍ନ ବିଳାସୀ ମେଘ ମଦାଳସ
ଦ୍ରାକ୍ଷା ଦ୍ରବୀଭୂତ ରତୁ
ଅନ୍ଧାର ଛାତିରେ ମୋତି କୁଙ୍କୁମର
ଟିପା ଖେଳ କୁତୁକୁତୁ
ଅଳସୀକନ୍ୟା କୁହୁକ ଠାଣିରେ
ଥରାଉଛି ଛାତି ଦକ
ପୀୟୂଷ ଶୋଷରେ ରାତିର ଆୟୁଷେ
କିଏ ଲଗାଇବ ରୋକ ।

ଜହ୍ନ ଚାତୁରୀ ବକ୍ ବକ୍ ସ୍ୱରେ
କର୍ଣ୍ଣରେ କହେ ତୁନି

ଭିଜା ଯୌବନ ଅଢେଇଦିନ ପା'
କାହିଁ ପ୍ରେମ ହାନିମାନୀ
ସମ୍ୟକ ସ୍ପର୍ଦ୍ଧା ହାତକୁ ବଢ଼େଇ ଝର୍କା
ସେପାଖୁ ଚାହେଁ
ଅଦୃଶ୍ୟ ରୋଷଣୀ ଆଖିଟେରା କରି
ଝିପିଝିପି ମନ ମୋହେ ।

ନିଶାର୍ଦ୍ଧ ଶ୍ରାବଣୀ ସଜଳ ରାଗିଣୀ
ଆଚମ୍ବିତ ଆର୍ଦ୍ର ପ୍ରୀତି
ନପାହୁ ସକାଳ ଲମ୍ବିଯାଉ ରାତ୍ର
ଜଳୁଥାଉ ମୋର ଛାତି ।


+ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ଭକ୍ତିର ନୈବେଦ୍ୟ

### ଡ଼ଃ ବେଣୁଧର ସୂତାର



ବିଶ୍ୱାସ ନେତ୍ରରେ ବିଶ୍ୱ
ଲାଗେ ଭାରି ସୁନ୍ଦର
ଏ ଜଗତ ମହାତୀର୍ଥ
ପୁଣ୍ୟମୟ ମନ୍ଦିର ।

ଜୀବନର ପ୍ରତି କ୍ଷଣେ
ବିଶ୍ୱାସର ସ୍ପନ୍ଦନ
ସ୍ନେହ ଶ୍ରଦ୍ଧା ପୂଜା ଫୁଲ
ଭକ୍ତି ବାସ ଚନ୍ଦନ ।

ମମତାର ମଧୁ ସ୍ରୋତେ
ପ୍ରେମ ପ୍ରୀତି ସୁରଭି
ଗାଉଥାଏ ମଧୁଛନ୍ଦେ
ଜୀବନର ପୂରବୀ ।

କର୍ମମୟ ଜୀବନରେ
ନ୍ୟାୟ ଧର୍ମ ସରଣୀ
ଏ ସଂସାର ମାଧୁର୍ଯ୍ୟର
ସୁଖ ସୁଧା ବିପଣି ।

ଅସରନ୍ତି କାମନାର
ରାସ୍ତା ସିନା ବିଷମ
ନିଷ୍କାମ କର୍ମର ମିଳେ
ଆତ୍ମତୃପ୍ତି ଅସୀମ ।

ସମୟର ସୀମା ଲଙ୍ଘେ
ପ୍ରଗଲ୍ଭ ଏ ବୟସ
ଚିନ୍ମୟ ଚିନ୍ତନ ଭରେ
ଚେତନାରେ ପୀୟୂଷ ।

ସାଧନାର ପୁଣ୍ୟ ପୀଠ
ଏ ଧରାରେ ଜୀବନ
ଜୀବନ ଯଜ୍ଞରେ ମିଳେ
ଅମୃତର ସନ୍ଧାନ ।

ସ୍ଥୂଳ ସୂକ୍ଷ୍ମ ଅନୁଭବେ
ଶାନ୍ତି ପ୍ରୀତି ସମତା
ସମ୍ପର୍କର ସୁନା କ୍ଷେତ
ମାଆ ମାଟି ମମତା ।

ସୃଷ୍ଟି ସମଷ୍ଟିରେ ଭରେ
ସୌଭାଗ୍ୟର ସୁଷମା
ସର୍ବଂସହା ଶାଶ୍ୱତି ସେ
ବିରଳ ଯା ଉପମା ।

ଜୀବନର ଲୀଳା ଭୂମି
ସର୍ବ ସୁଖ ଦାୟିନୀ
ସ୍ନେହ ପ୍ରେମ ମମତାର
ପୁଣ୍ୟମୟୀ ଜନନୀ ।

ପ୍ରଶାନ୍ତିର ସ୍ନିଗ୍ଧ ଧାରା
ଅମୃତର ପସରା
ଚିର କାଳ ପ୍ରାଣ ସତ୍ତା
ତା ଆଶିଷ ଆସରା ।

ସ୍ନେହମୟୀ କୃପାମୟୀ
ହେ ପ୍ରଣବ ନନ୍ଦିନୀ
ଭକ୍ତିର ନୈବେଦ୍ୟ ଘେନ
ସୃଷ୍ଟି ଆଦି ଜନନୀ


+ କେଶଦୁରାପାଳ
କେନ୍ଦୁଝର
ମୋ: ୯୧୭୮୫୬୮୨୪୬


## ଦାଗ

### ଡିସମ୍ବର ମେହେର



ସେ ଦିନର ଯନ୍ତ୍ରଣା
ଆଜି ବି କଷ୍ଟ ଲାଗୁଛି
ନିଆଁଠାରୁ ତାତି ଥିଲା
ଲୁହାଠାରୁ ଭାରି
ଭେଦି ଥିଲା
ଆତ୍ମାରୁ ହୃଦୟକୁ
ଚିରି ଥିଲା ଛାତି ।
କଳଙ୍କର ଛିଟା ବୋଲି
କଳଙ୍କିତ କଲା
ମିଥ୍ୟା, ଅପବାଦ ଭର୍ତ୍ତି କରି
ମତେ ମିଛୁଆ କରିଦେଲା,
ଭୁଲ୍ କଣ ?
ପ୍ରେମ କରି
ହୃଦୟ ଭିତରେ ସାଇତି ଥିଲି
ସ୍ନେହ, ସଂପର୍କ ଦେଇଥିଲି
ହେଲେ
ପ୍ରତିବଦଳେ ପାଇଲି କେବଳ
କଳା ବୋଲା ଦାଗ ।

କଷ୍ଟ ପାଇଛି
ନଷ୍ଟ ହେଇଛି
ବଦନାମ ପାଇଛି
ତୁମ ଆଖିରେ, ସାମାଜ ଆଗରେ
ସେଥିପାଇଁ
ଆଜି ଆଖିରୁ ଜକେଇ
କଳକଳ ଅନବରତ
ଅମାନିଆ ଲୁହର ଧାର
ପୁଣି
ଝରିପଡୁଥିଲା ରୁଧିର
ମଳା ଜହ୍ନ ପରି ଝାଉଁଳି ।
ଶ୍ରାବଣ ଅମାବାସ୍ୟା ରାତିରେ
ଚଢୁ ଦେଲା ଭଳି

ଦାଗି ଦେଇ
ଅଦୃଶ୍ୟ ହେଇଗଲ
ଷଡ଼ଯନ୍ତ୍ର କରି, ବିଷ ମନ୍ତ୍ରଣା ଭରି
କଳା ପଟି ବାନ୍ଧି ଦେଲ
ଘୁରିବୁଲେ ତୁମ ପରଶ ଛୁଇଁବାକୁ,
ଅଚାନକ୍ ଖଣ୍ଡିଆ ଭୂତ ସାଜି
ଘୋଷାଡି ଘୋଷାଡି
ହୃଦୟକୁ ମୋର ଖଣ୍ଡ ଖଣ୍ଡ କରି ଦେଲ ।
ସଂଯୋଗର ପ୍ରେମକୁ
ତୀର ବିନ୍ଧି
ବିଭାଜନ କଲ,
ସଂପର୍କର ସ୍ମୃତିକୁ ସମାଧି ଦେଇ
ଅଜଣା ଠିକଣା ବାଛି ନେଲ,
ଗୋଟି ଗୋଟି ହୋଇ ମନେ ପଡେ
ଦାଗ ଦେଖି ଦେଖି ତୁମକୁ ଖୋଜେ
କେବେ ଆସିବ ପୁଣି
କ୍ଷତ ଦାଗକୁ ମଲମ ଦେବ
ଅପେକ୍ଷାରେ
ଏ ଭଙ୍ଗା ହୃଦୟଧାରୀ ।


+ଗଣ୍ଡାବାହାଲି, ନୂଆପଡା
ମୋ-୭୮୯୪୭୮୮୧୩୫


## ସମ୍ପର୍କ

### ଅରୁଣ କୁମାର ଦାସ

ଦୁଇଟି ହୃଦୟ ଗୋଟିଏ ଆତ୍ମା
ଦୁଇଟି ବୃକ୍ଷ ଗୋଟେ ଫଳ
ଆତ୍ମାର ସମାହାରେ ଜୀବାତ୍ମା
ବିଲୀନ ହୁଅନ୍ତି ସେଇ ପରମାତ୍ମା ।

ପଦୁଟିଏ କଥା ଟାଣି ଦେଲା ଲକ୍ଷ୍ମଣ ରେଖା
ଦୁଇଟି ସମାନ୍ତରାଳ ସରଳ ରେଖା ପରି
ଯାହାର ମିଳନ ଯୋଗ ରାଶି ନକ୍ଷତ୍ରରେ
ମିଳେନା କି ମିଳନର ସମ୍ଭାବନା ନ ଥାଏ ।

ବାର ବର୍ଷର ତପ ପାଣିରେ ଯାଏ
ଲୁଣ ମିଳାଇବା ପରି
କାହା ନଜର ପଡିଗଲା ବୋଧେ
ବୁଦ୍ଧି ବାମ ହୁଏ ।


ଟିକେ ମୁଣ୍ଡ ନୁଆଁଇ ଦେଲେ
ଲହଡ଼ି ଚାଲି ଯାଏ
ଅହଂକାର ପତଳା ହୋଇ ଥାଏ
କଥା ଧରି ବସିଲେ ହୁଏ ନା
ବିବାଦ ବଢେ ଛିଡିବାର ନାଆଁ ଧରେନା ।

ଏ ଆଣ୍ଟ ସବୁ ଦିନ ରହିଲେ ହେଲା
ତେଲ ଲୁଣର ସଂସାର ଭିତରେ
ସବୁ କିଛି ମୁଣ୍ଡ ପାତି ସହିନେବା
ଏକ ରକମର କଳା
ନହେଲେ ହେବ କୀଳା ।
ସେ କୀଳାକୁ ସମ୍ଭା କର୍ତ୍ତାର
କ୍ଷୁ ନ ଥାଏ କାହାର
ସେ ସେଇ ଉପର ବାଲାର ଲୀଳା ।


+ ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
୯୯୩୮୭୩୩୦୭୫


## ମୋ ମନ ବଳିଛି

### ଜେନା ପ୍ରଦୀପ



ମୋ ମନ ବଳିଛି ଦେଖିବାକୁ ତୁମ
ନବ ଯଉବନ ବେଶ
କୋଟି କନ୍ଦର୍ପକୁ ଜିଣି ଯେଉଁ କାନ୍ତି
କରଇ ସଭିଙ୍କୁ ବଶ ।

ଶୋଇଲ ଜରରେ ଅଣସର ଘରେ
ଦେଲନାହିଁ ଦରଶନ
ମଣିଷଙ୍କ ପରି ହୋଇଲ ଅସୁସ୍ଥ
ଜାଣିଲେ ଜଗତ ଜନ
ଭଲହେଲା ଦେହ ଆହେ ଦୟାମୟ
ଫୁଟିଲା ମୁହଁରେ ହସ ।

ହେ ଚକାନୟନ ବଳିଛି ମୋ ମନ
ତୁମ ଦରଶନ ପାଇଁ
ନେତ୍ର ଉତ୍ସବରେ ତୁମ ନେତ୍ରରେ
ନେତ୍ର ମିଶାଇଲେ ଯାଇ
ହେବ ସିନା ଧନ୍ୟ ଏ ଛାର ଜୀବନ
ପୂରିଯିବ ମନଶୋଷ ।


+ ଲକ୍ଷ୍ମୀପାଦ,ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(କେଡିଏ)
କଟକ,
ମୋ - ୯୯୩୮୫୨୦୩୭୧


## ପ୍ରଶଂସକ ବନାମ ନିନ୍ଦୁକ

### ସନ୍ତୋଷ କୁମାର ଅଦାବର

ପ୍ରକୃତରେ ଯିଏ ଅଟେ ପ୍ରଶଂସକ
ଖୋଜିବ ନି କେବେ ପ୍ରମାଣ
ଠିକ ଭୁଲ ବୋଲି ଅଯଥା ସିଦ୍ଧାନ୍ତ
ନ ଥାଏ ତା'ର ପ୍ରୟୋଜନ ।

ନିନ୍ଦୁକ ଜନ ନିନ୍ଦା ବିଷରେ ଜଳି
ସର୍ବଦା ଖୋଜୁଥାଏ ଦୋଷ
ଶତ ସତ୍ୟ ପ୍ରମାଣ ଦେଲେ ବି ସେଇ
କରେ ନାହିଁ କେବେ ବିଶ୍ୱାସ ।

ପ୍ରଶଂସକ ଠାରେ ଆପଣଙ୍କ ପ୍ରତି
ସକରାତ୍ମକ ଭାବ ଥାଏ
ବିଶ୍ୱାସ, ଭରସା, ବନ୍ଧୁତା ବନ୍ଧନେ
ରହେ ଆପଣଙ୍କ ହୃଦୟେ ।


ନିନ୍ଦୁକ ଜନଟି ଆପଣଙ୍କ ପ୍ରତି
ନିନ୍ଦା ଓ ଅପବାଦ ଦେଲେ
କର୍ଣ୍ଣେ ନ ଶୁଣି ଆଗକୁ ଅଗ୍ରସର
ହୋଇବା କର୍ତ୍ତବ୍ୟ ପଥରେ ।

ଯେବେ ନିନ୍ଦୁକଟି ନ ଖୋଜିବ ଦୋଷ
ଆପଣାର ହେବ ମଙ୍ଗଳ
ପ୍ରଶଂସକଟିଏ ପ୍ରେରଣାର ଉତ୍ସ
ହୃଦୟ ତା' ସ୍ୱଚ୍ଛ ନିର୍ମଳ ।


+ ବୀରମହାରାଜପୁର, ସୁବର୍ଣ୍ଣପୁର


## ପ୍ରେମରେ ନୂଆ ଜନମ

### ପ୍ରତିଭା ଦାଶ



ପ୍ରେମ ସହରରେ ରହି
ଭଲ ପାଇବାର ଗୁଣଟା
ମୁଁ ଶିଖିଗଲି
ହେଲେ ପ୍ରେମ କ'ଣ ବାସ୍ତବରେ
ଜୀବନ ସାରା ମୋ ସହ
ରହିପାରିଲା ?
ନା ତାକୁ କୁଆଡ଼େ ମୁଁ ଆଉ ପସନ୍ଦ ନୁହେଁ
ମୋ ପ୍ରେମଭରା କଥା
ତା' ପାଇଁ ହୋଇଛି
ବିଷ ସଦୃଶ ।
ମୋ ଚଲାପଥ
ତା' ପାଇଁ ସାଜିଛି କଣ୍ଟକ
ତା' କୋମଳ ପାଦକୁ
ରୁଧିର କରିଦେବ ।
ଆଜି ମୁଁ ଲୁହରେ
ଲେଖିବାକୁ ପ୍ରୟାସ କରୁଛି
ମୋ ଅଧୁରା କାହାଣୀକୁ
ମୁଁ ଆରମ୍ଭ କରିଥିଲି
ତା' ସହ ସୁନ୍ଦର ସଂସାର ଗଢିବା ପାଇଁ
ମାତ୍ର ସେ ଅସମ୍ପୂର୍ଣ୍ଣ କରି ଚାଲିଗଲା ।
ହେଲେ ତତଲା ଅଶ୍ରୁରେ ଲେଖା ଶବ୍ଦଗୁଡ଼ିକ
ମୋ ହୃଦୟକୁ
ଦୁଃଖ ଓ ଯନ୍ତ୍ରଣାରେ
ଗୋଟିଏ ନୂଆ କାହାଣୀର
ରୂପ ଦେଇଛି ।


+ ନୂଆପଡ଼ା
ମୋ:୭୮୯୪୫୨୮୪୯୩

# ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ: ପରିବାରରେ ଶୋକର ଛାୟା

ନୀଳଗିରି ,୨୭/୦୭ (ନି.ପ୍ର): ଲଘୁଚାପ ଜନିତ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଆଜି ଅପରାହ୍ନରେ ବଜ୍ରପାତ ଯୋଗୁଁ ଜଣେ ଚାଷୀର ଜୀବନ ଯାଇଛି। ସୂଚନା ମୁତାବକ ବରହମପୁର ଥାନା ଛତ୍ରପୁର ପଞ୍ଚାୟତ ଚତୁରିପଡା ଗ୍ରାମର କହ୍ନେଇ କିସ୍କୁଙ୍କ ପୁଅ ବୁଦ୍ଧିଆ କିସ୍କୁ(୫୫) ଚାଷକାମ ପାଇଁ ବିଲକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୪.୩୦ମିନିଟ ସମୟରେ ପ୍ରଚୁର ବର୍ଷା ଓ ଘଡଘଡି ହେବାରୁ ଘରକୁ ଫେରିଆସିବା ସମୟରେ ହଠାତ୍ ବଜ୍ରପାତ ହେବାରୁ ସେହି ବିଲରେ ଟଳି ପଡ଼ିଥିଲେ ।କିଛିଦୂରରେ ଚାଷକାମରେ ଥିବା ଅନ୍ୟ ଚାଷୀମାନେ ଏହାଦେଖି ତାଙ୍କ ଘରଲୋକଙ୍କୁ ଖବର ଦେଇଥିଲେ। ପରିବାରଲୋକ ତୁରନ୍ତ ବରହମପୁର ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବରହମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବାସହିତ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି।

# କାରଗିଲ ବିଜୟ ଦିବସ ପାଳିତ

ଖଇରା,୨୭/୦୭ (ନି.ପ୍ର): ବୀର ଯବାନ ଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ମତ ପ୍ରକାଶ ପାଇଛି ।କାରଗିଲ ବିଜୟ ଦିବସ ଯୁବ ସମାଜ କୁ ପ୍ରେରଣା ଦେବ ଦେଶର ଏକତା ଅଖଣ୍ଡତା ସାର୍ବଭୌମ ତ୍ୱ ରକ୍ଷା ଯୁବସମାଜର ଦାୟିତ୍ୱ ସହିତ ଦେଶ ମାତୃକା କୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସୀମାନ୍ତରେ କାର୍ଯ୍ୟ କରୁଥିବା ଓ ପ୍ରାଣବଳି ଦେଉଥିବା ବୀର ଯବାନଙ୍କ ବଳିଦାନ କେବେ ବି ବ୍ୟର୍ଥ ନାହିଁ। କୃତଜ୍ଞ ରାଷ୍ଟ୍ର ସର୍ବଦା ସେମାନଙ୍କ ସ୍ମୃତି ଚାରଣ କରୁଥିବ ବୋଲି ମତ ବ୍ୟକ୍ତ କରିଛନ୍ତି। ଖଇରା ବ୍ଲକ ନିକଟରେ ଥିବା ଜନସେବା କେନ୍ଦ୍ର ପରିସରରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଦାସ ଙ୍କ ଅଧକ୍ଷ୍ୟତରେ ସହିଦ ଯବାନ ଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ସାମ୍ବାଦିକ ବଳରାମ ଲେଙ୍କା, ନିଶିକାନ୍ତ ମହାନ୍ତି, କମ୍ପୁଟର ଶିକ୍ଷ୍ୟକ ସୁଶାନ୍ତ କୁମାର ଶଙ୍ଖୁଆ, ସମାଜ ସ୍ୱେ ମୁକେଶ କୁମାର ଜେନା, ଜ୍ଞାନରଞ୍ଜନ ପାଇକରାୟ, ରାମକୃଷ୍ଣ ପାଢ଼ୀ ,ନିରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ପାକିସ୍ଥାନ ସୈନ୍ୟ ଓ ସନ୍ତ୍ରାସ ବାଦି ମାନଙ୍କ ଅନୁପ୍ରବେଶ କୁ ଭାରତୀୟ ସେନା ପରାଜିତ କରିଥିଲେ।ଏହି ଦୁଇ ମାସ ର ଯୁଦ୍ଧରେ ୫୨୭ଜଣ ଯବାନ ଶହିଦ ହୋଇଥିଲେ। ୧୦ ଡିଗ୍ରୀ ତାପମାତ୍ରାରେ ରହି ସେମାନଙ୍କ ସହିତ ଯୁଦ୍ଧ କରିଥିଲେ ବୋଲି ପ୍ରକାଶ କରିଥିଲେ । ଶେଷରେ ଯୁବ ସାମ୍ବାଦିକ ତଥା ସମାଜ ସ୍ୱେ ଧନଞ୍ଜୟ ପଣ୍ଡା ଧନ୍ୟବାଦ ଜଣାଇଥିଲେ।

# କୋରାପୁଟ କଫିକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପକୁ ରାଜ୍ୟପାଳଙ୍କ ପ୍ରଶଂସା: ଜିଲ୍ଲାରେ ଖୁସିର ଲହରି

ଜୟପୁର,୨୭/୦୭ (ନି.ପ୍ର): କୋରାପୁଟ କଫିକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପକୁ ରାଜ୍ୟପାଳଙ୍କ ପ୍ରଶଂସା କରିଛନ୍ତି। ଏହି ସୂଚନା ପାଇବା ପରେ କୋରାପୁଟ ଜିଲ୍ଲା ରେ ଖୁସି ର ଲହରି ଖେଳିଯାଇଛି କ୍ଷ ରାଜ୍ୟପାଳ ଡକ୍ଟର ହରି ବାବୁ କାମ୍ଭମ୍ପତି ଆଦିଶା ବ୍ରାଣ୍ଡ ଅଧୀନରେ କୋରାପୁଟ କଫିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି ଯେ ଏହି ପ୍ରୟାସ ଆଦିବାସୀ ଜୀବିକାକୁ ସୁଦୃଢ଼ କରିବା, ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ଏବଂ ଆଦିବାସୀ ଉତ୍ପାଦକଙ୍କ ପାଇଁ ଉନ୍ନତ ବଜାର ସୁଯୋଗ ସୃଷ୍ଟି କରିବାରେ ବହୁତ ସାହାଯ୍ୟ କରିବ ବୋଲି କହିଥିଲେ ସୂଚନା ପାଇବା ପରେ କୋରାପୁଟ ଜିଲାରେ ଖୁସିର ଲହରି ଖେଳିଯାଇଛି । ଭୁବନେଶ୍ୱରର ରୂପାଲି ସ୍କୋୟାରରେ ଥିବା ଆଦିଶା କୋରାପୁଟ କଫି ଆଉଟଲେଟ ପରିଦର୍ଶନ ସମୟରେ ରାଜ୍ୟପାଳ ଏହି ମନ୍ତବ୍ୟ ଦେଇଥିଲେ। ତାଙ୍କ ସହିତ ରାଜ୍ୟର ପ୍ରଥମ ମହିଳା ଡକ୍ଟର ଜୟଶ୍ରୀ କାମ୍ଭମ୍ପତି ମଧ ଆଉଟଲେଟରେ ପରିଦର୍ଶକଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳ ଆଉଟଲେଟର କାର୍ଯ୍ୟକାରିତା ସମୀକ୍ଷା କରିଥିଲେ ଏବଂ ଗ୍ରାହକ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଆଦିଶା ବ୍ରାଣ୍ଡ ମାଧ୍ୟମରେ ଓଡ଼ିଶାର ପ୍ରିମିୟମ୍ କୋରାପୁଟ କଫିକୁ ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ, ଆଦିବାସୀ କଫି ଚାଷୀମାନଙ୍କୁ ବ୍ୟାପକ ବଜାର ସହିତ ସଂଯୋଗ କରି ସେମାନଙ୍କ ଆୟ ବୃଦ୍ଧି କରିବା ପାଇଁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର-ସଚିବ, ବି. ପରମେଶ୍ୱରନ, ଆଦିବାସୀ ବିକାଶ ସମବାୟ ନିଗମ ଓଡ଼ିଶା ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ପୋମା ଟୁଡୁ ଏବଂ ନିଗମର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ରାଜ୍ୟପାଳଙ୍କ ସହିତ ଥିଲେ। ନିଦେଶକ ପୋମା ଟୁଡୁ ଗତ ଦିନରେ କୋରାପୁଟ ଜିଲ୍ଲାପାଳ ଓ ଜୟପୁର ଉପ ଜିଲ୍ଲାପାଳ ଦାୟିତ୍ୱ ତୁଲାଇ ଥିଲେ । କୋରାପୁଟ କଫି ଉପରେ ଅଧିକା ପରିଚିତ ।
ରାଜ୍ୟପାଳ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ଉତ୍ପାଦିତ ଆଦିବାସୀ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ ଏବଂ ମୂଲ୍ୟଯୁକ୍ତ କଫି ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସକୁ ମଧ ପ୍ରଶଂସା କରିଥିଲେ। ସେ କହିଛନ୍ତି ଯେ ଏପରି ପଦକ୍ଷେପଗୁଡ଼ିକ କେବଳ ସ୍ୱଦେଶୀ ଉତ୍ପାଦଗୁଡ଼ିକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ ନାହିଁ ବରଂ ସ୍ଥାୟୀ ଜୀବିକା ସୃଷ୍ଟି କରେ ଏବଂ ଅନ୍ତର୍ଭୁକ୍ତ ଆର୍ଥିକ ଅଭିବୃଦ୍ଧିରେ ମଧ ଯୋଗଦାନ କରେ। ସେ ଅବଲୋକନ କରିଥିଲେ ଯେ ଆଦିବାସୀ ଉତ୍ପାଦକମାନଙ୍କ ପାଇଁ ବଜାର ସଂଯୋଗକୁ ସୁଦୃଢ଼ କରିବା ସେମାନଙ୍କ ସାମାଜିକ-ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଆଦିଶା ପଦକ୍ଷେପ କୋରାପୁଟ କଫିକୁ ଗ୍ରାହକମାନଙ୍କ ମଧ୍ୟରେ ଅଧିକ ପରିଚିତି ପାଇବାରେ ସାହାଯ୍ୟ କରିବ ବୋଲି ବିଶ୍ୱାସ ପ୍ରକାଶ କରିଥିଲେ। ଦକ୍ଷିଣ ଓଡ଼ିଶାର ଆଦିବାସୀ ବହୁଳ ଉଚ୍ଚଭୂମିରେ ଚାଷ ହେଉଥିବା କୋରାପୁଟ କଫି ଏହାର ସ୍ୱତନ୍ତ୍ର ସ୍ୱାଦ ଏବଂ ଗୁଣବତ୍ତା ପାଇଁ ସ୍ୱୀକୃତି ପାଇଥିବାରୁ ଜିଲାରେ ଖୁସିର ଲହରି ଖେଳିଯାଇଛି । ଆଦିଶା ବ୍ରାଣ୍ଡ ମାଧ୍ୟମରେ, ରାଜ୍ୟ ସରକାର ସାରା ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟର ଆୟ ଏବଂ କଲ୍ୟାଣ ବୃଦ୍ଧି କରିବା ଲକ୍ଷ୍ୟରେ ବିଭିନ୍ନ ଆଦିବାସୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା ସହିତ ଏହାର ବଜାର ଉପସ୍ଥିତିକୁ ବିସ୍ତାର କରିବା ପାଇଁ କାର୍ଯ୍ୟ କରୁଛନ୍ତି।

# ବିଜେପି ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ନୂଆପଡ଼ା,୨୭/୦୭ (ନି.ପ୍ର): ଜିଲ୍ଲା ଭାରତୀୟ ଜନତା ଯୁବ ମୋର୍ଚ୍ଚା, ନୂଆପଡ଼ା ଆନୁକୂଲ୍ୟରେ ଏବଂ ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସଜତ ମୋହନ ଯୋଶୀଙ୍କ ନେତୃତ୍ୱରେ ଏକ ବିରାଟ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆଜି ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା ସଭାପତି ସୁବ୍ରତ କୁମାର ଠାକୁର ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ସୁନ୍ଦର ମଣ୍ଡଳ ସଭାପତି ପୁସ୍ତମ ମିଶ୍ରା ଉପସ୍ଥିତ ଥିଲେ। ସେମାନଙ୍କ ସହ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ନନ୍ଦ କୁମାର ପାତ୍ର, ସମସ୍ତ ମଣ୍ଡଳର ପଦାଧିକାରୀ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି, ପଦାଧିକାରୀ, ଯୁବ ସାଥୀମାନେ ଏବଂ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସାହୁ ସକ୍ରିୟ ଭାବେ ଯୋଗଦାନ କରିଥିଲେ।

# କାରଗିଲ ବିଜୟ ଦିବସ ପାଳିତ

ଖଇରା,୨୭/୦୭ (ନି.ପ୍ର): ବୀର ଯବାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ମତ ପ୍ରକାଶ ପାଇଛି ।କାରଗିଲ ବିଜୟ ଦିବସ ଯୁବ ସମାଜକୁ ପ୍ରେରଣା ଦେବ ଦେଶର ଏକତା ଅଖଣ୍ଡତା ସାର୍ବଭୌମତ୍ୱ ରକ୍ଷା ଯୁବସମାଜର ଦାୟିତ୍ୱ ସହିତ ଦେଶ ମାତୃକା କୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସୀମାନ୍ତରେ କାର୍ଯ୍ୟ କରୁଥିବା ଓ ପ୍ରାଣବଳି ଦେଉଥିବା ବୀର ଯବାନଙ୍କ ବଳିଦାନ କେବେ ବି ବ୍ୟର୍ଥ ନାହିଁ। କୃତଜ୍ଞ ରାଷ୍ଟ୍ର ସର୍ବଦା ସେମାନଙ୍କ ସ୍ମୃତି ଚାରଣ କରୁଥିବ ବୋଲି ମତ ବ୍ୟକ୍ତ କରିଛନ୍ତି। ଖଇରା ବ୍ଲକ ନିକଟରେ ଥିବା ଜନସେବା କେନ୍ଦ୍ର ପରିସରରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଦାସଙ୍କ ଅଧକ୍ଷ୍ୟତରେ ସହିଦ ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବଳରାମ ଲେଙ୍କା, ନିଶିକାନ୍ତ ମହାନ୍ତି, କମ୍ପୁଟର ଶିକ୍ଷ୍ୟକ ସୁଶାନ୍ତ କୁମାର ଶଙ୍ଖୁଆ, ସମାଜ ସେବୀ ମୁକେଶ କୁମାର ଜେନା, ଜ୍ଞାନରଞ୍ଜନ ପାଇକରାୟ, ରାମକୃଷ୍ଣ ପାଢ଼ୀ , ନିରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ପାକିସ୍ଥାନ ସୈନ୍ୟ ଓ ସନ୍ତ୍ରାସ ବାଦି ମାନଙ୍କ ଅନୁପ୍ରବେଶକୁ ଭାରତୀୟ ସେନା ପରାଜିତ କରିଥିଲେ। ଏହି ଦୁଇ ମାସର ଯୁଦ୍ଧରେ ୫୨୭ଜଣ ଯବାନ ଶହିଦ ହୋଇଥିଲେ। ୧୦ ଡିଗ୍ରୀ ତାପମାତ୍ରାରେ ରହି ସେମାନଙ୍କ ସହିତ ଯୁଦ୍ଧ କରିଥିଲେ ବୋଲି ପ୍ରକାଶ କରିଥିଲେ। ଶେଷରେ ଯୁବ ସାମ୍ବାଦିକ ତଥା ସମାଜ ସେବୀ ଧନଞ୍ଜୟ ପଣ୍ଡା ଧନ୍ୟବାଦ ଜଣାଇଥିଲେ।


# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ବାଳକ, ବାଳିକା, ପୁରୁଷ ଓ ମହିଳା ଚାମ୍ପିଅନସିପ୍ ୨୦୨୬ - ୨୭ ଉଦ୍‌ଯାପିତ

## ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡାଙ୍କୁ ତ୍ରିମୁକୁଟ

ବାରିପଦା,୨୭/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଚଳିତ ମାସ ୨୪ ତାରିଖରୁ ଦୁଇ ଦିନ ଧରି ଚାଲିଥିବା ବାଳକ,ବାଳିକା, ପୁରୁଷ ଓ ମହିଳା ବର୍ଗର ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଚଳିତ ୨୫ ତାରିଖରେ ଉଦଯାପିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ବାରିପଦା ବନଖଣ୍ଡର ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ମହୋଦୟ ଯୋଗଦେଇ ଦ୍ୱୀପ ପ୍ରଜ୍ୱଳନ କରିଥିଲେ ଓ କ୍ରୀଡ଼ାବିତ୍ ମାନଙ୍କୁ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରି ଉତ୍ସାହିତ କରିବା ସହ ପ୍ରତିଯୋଗୀ ଓ ପ୍ରତିଯୋଗିତା ର ସଫଳ କାମନା କରିଥିଲେ। ସେହିପରି ଉଦଯାପନୀ ସମାରୋହ ରେ ଅତିଥି ଭାବେ ଯୋଗଦେଇ ସମାଜସେବୀ ଶ୍ରୀ କାଶୀନାଥ ରଣା, ସମାଜସେବୀ ଶ୍ରୀ ନନ୍ଦିକେଶ ସେଜପଡା ଓ ବାରିପଦା ବନଖଣ୍ଡର ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ବୃନ୍ଦ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦ୍ୱାରା ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବାରିପଦା ଉପଖଣ୍ଡରୁ- ୪୫ ଜଣ , ଉଦଳା ବ୍ଲକ୍ ରୁ - ୨୨ ଜଣ , ରାଇରଙ୍ଗପୁର ବ୍ଲକ୍ ରୁ - ୮ ଜଣ , ବେତନଟୀ ଓ କରଞ୍ଜିଆ ବ୍ଲକ୍ ରୁ - ୪ ଜଣ , ବାଙ୍ଗିରିପୋଷି ଓ ବୈଶିଙ୍ଗା ବ୍ଲକ୍ ରୁ - ୩ ଜଣ ସେହିପରି କପ୍ତିପଦା ଓ ବଡ଼ସାହି ବ୍ଲକ୍ ରୁ - ୨ ଜଣ ଲେଖାଏଁ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବୟସ ଓ ବର୍ଗର ସମୁଦାୟ ୯୩ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ? ବିଜେତା ମାନେ ସିଧାସଳଖ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗୀତାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ସମ୍ପାଦକ ବିଭୁତି ଭୂଷଣ ଦାସ ଜଣାଇଛନ୍ତି । ବାଳକ ବିଭାଗ ୧୧ବର୍ଷରୁ କମ ଏକକ ବର୍ଗରେ ବାରିପଦା ର ଲକି ମାର୍ଣ୍ଡି ଚାମ୍ପିଅନ୍ ଓ ଉଦଳା ର ଶେଖ୍ ସାହିଲ ରନର୍ ଅପ୍, ୧୩ ବର୍ଷରୁ କମ ଏକକ ବର୍ଗରେ ବାରିପଦାର କୃଷ୍ଣକାନ୍ତ ସିଂ ଚାମ୍ପିଅନ୍ ଓ ତେଜସ ବେହେରା ରନର୍ ଅପ୍, ଯୁଗଳ ବର୍ଗରେ ବାରିପଦାର ତେଜସ ବେହେରା ଓ ବିଶ୍ୱ ଭବ୍ୟେଶ ବେହେରା ଙ୍କ ଯୋଡ଼ି ଚାମ୍ପିଅନ୍ ଏବଂ ସାଇ ଶ୍ରେୟସ ମହାନ୍ତ ଓ ଅଭିନବ ଦତ୍ତ ଙ୍କ ଯୋଡ଼ି ରନର୍ ଅପ୍, ୧୫ ବର୍ଷରୁ କମ ଏକକ ବର୍ଗରେ ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଚାମ୍ପିଅନ୍ ଓ ବାରିପଦାର ଆୟୁଷ୍ମାନ ପ୍ରଧାନ ରନର୍ ଅପ୍ ଏବଂ ଯୁଗଳ ବର୍ଗରେ ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଓ ସେକ ରୌନକ ରାଜ ଙ୍କ ଯୋଡ଼ି ଚାମ୍ପିଅନ୍ ଏବଂ ଜିଜ୍ଞାଂଶ ଚାନ୍ଦ ଓ କୁଳଦୀପ ପାତ୍ର ଙ୍କ ଯୋଡ଼ି ରନର୍ ଅପ୍, ୧୭ ବର୍ଷରୁ କମ ଏକକ ବର୍ଗରେ ବାରିପଦାର ରୋହନ କୁମାର୍ ସାଲ୍ ଚାମ୍ପିଅନ ଓ ରାଇରଙ୍ଗପୁରର ରୁଦ୍ରାଂଶ ପ୍ରଧାନ ରନର୍ ଅପ୍ ଏବଂ ଯୁଗଳ ବର୍ଗରେ ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଓ ପ୍ରତ୍ୟୁଷ କୁମାର ପରିଡ଼ା ଙ୍କ ଯୋଡ଼ି ଚାମ୍ପିଅନ ଏବଂ ବାରିପଦାର ଖ୍ୟାତିରଞ୍ଜନ ମହାପାତ୍ର ଓ ଯୋଜିତ୍ ଖଣ୍ଡେଲୱାଲ୍ ରନର୍ ଅପ୍, ୧୯ ବର୍ଷରୁ କମ ଏକକ ବର୍ଗରେ ରାଇରଙ୍ଗପୁରର ମନୀଷ କୁମାର ପାଲ ଚାମ୍ପିଅନ ଓ ବାରିପଦାର ରୋହନ କୁମାର୍ ସାଲ୍ ରନର୍ ଅପ୍ ଏବଂ ଯୁଗଳ ବର୍ଗରେ ବାରିପଦାର ଅରିଜିତ ଦାସ ଓ ଖ୍ୟାତିରଞ୍ଜନ ମହାପାତ୍ର ଙ୍କ ଯୋଡ଼ି ଚାମ୍ପିଅନ୍ ଏବଂ ରାଇରଙ୍ଗପୁରର ମନୀଷ କୁମାର ପାଲ ଓ ରୁଦ୍ରାଂଶ ପ୍ରଧାନ ଙ୍କ ଯୋଡ଼ି ରନର୍ ଅପ୍ ବାରିପଦା ଉପଖଣ୍ଡର ଅର୍ଜିତ ଦାସ ରନର୍ ଅପ୍ ହୋଇଥିବା ବେଳେ ପୁରୁଷ ସିଙ୍ଗସ ଫାଇନାଲରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଜୟଜୀତ ଦାସ ରନର୍ ଅପ୍ ଏବଂ ପୁରୁଷ ଯୁଗଳ ବର୍ଗରେ ରାଇରଙ୍ଗପୁରର ମନୀଷ କୁମାର ପାଲ ଓ ଉଦଳାର ଅଙ୍କିତ ବାରିକ୍ ଙ୍କ ଯୋଡ଼ି ବାରିପଦାର ଜୟଜୀତ ଦାସ ଓ ଶରତ ରଣା ଯୋଡିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ? ସେହିପରି ବାଳିକା ବିଭାଗର ଏକକ ବର୍ଗରେ ବାରିପଦାର ଦେବସ୍ମିତା ମହାନ୍ତ ଚାମ୍ପିଅନ୍ ହୋଇଥିବାବେଳେ ବାରିପଦାର ପ୍ରିତିଷା ପାତ୍ର ରନର୍ ଅପ୍ ହୋଇଛନ୍ତି ଏବଂ ଯୁଗଳ ବର୍ଗରେ ବାରିପଦାର ଦେବସ୍ମିତା ମହାନ୍ତ ଓ ଦିଶା ବେହେରାଙ୍କ ଯୋଡି ବାରିପଦାର ମାନଭୀ ଖଣ୍ଡେଲୱାଲ୍ ଓ ଅନଭିସିକ ଜେନା ଙ୍କ ଯୋଡିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛନ୍ତି। ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ରେଫରୀ ଭାବରେ ମନମୋହନ ମୁର୍ମୁ, ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ, ଦେବାଶିଷ ବେହେରା, ସୋମ୍ୟଜୀତ ବେହେରା, ଆୟୁଷ୍ମାନ ପଟ୍ଟନାୟକ, କୁନୁ ମଣ୍ଡଳ ଓ ସୋମ୍ୟ ରଞ୍ଜନ ପାଣିଗ୍ରାହୀ ସହାୟତା କରିଥିଲେ ଅନ୍ୟାନ ସଦସ୍ୟ ଭାବରେ ପାର୍ଥ ସାରଥି ସ୍ୱାଇଁ, ଶଶ୍ୱତ କୁମାର ବଳ, ଦୀପକ କୁମାର ପରିଡା, ସୁଦୀପ କୁମାର ଦାସ, ଅଭିଷେକ ସାହୁ, କାର୍ତିକ ବାରିକ, ଉଦୟ ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ? ପରିଶେଷରେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ଖେଳୁଆଡ ମନବୃତି, ଅବିଭାବକ ମାନଙ୍କ ଉପସ୍ଥିତିକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଅଫିସିଆଲ, କର୍ମକର୍ତ୍ତା ଓ ସମସ୍ତ ସହଯୋଗୀ ମାନଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।




# ବିରାଟ ଲୀଳାକ୍ଷେତ୍ରରେ ବାହୁଡ଼ାଯାତ୍ରା ଓ 'ଭାବବନ୍ଧନ' ଉନ୍ମୋଚନ ଉତ୍ସବ



ଉଦଳା ,୨୭/୦୭ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ବିରାଟଲୀଳାକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଓ ବାର୍ଷିକ ଆଧାତ୍ମିକ ପତ୍ରିକା 'ଭାବବନ୍ଧନ' ଉନ୍ମୋଚନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ସର୍ବେଶ୍ୱର ରାଉତଙ୍କ ଅଧ୍ୟକ୍ଷତାରେ ଶ୍ରୀ ଜଗନ୍ନାଥଙ୍କ ମାଧୁର୍ଯ୍ୟଲୀଳାର ରହସ୍ୟ ପ୍ରସଙ୍ଗକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା । ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ଭାସ୍କର ମଢ଼େଇ ବିଶିଷ୍ଟ ଅତିଥି ଭାବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବରେ ପ୍ରାକ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ ମହାଳିକ, ମୁଖ୍ୟ ବକ୍ତା ଭାବରେ ପ୍ରାକ୍ତନ ଅଧ୍ୟକ୍ଷା ପୁଷ୍ପାରାଣି ପାତ୍ର, ସମ୍ମାନିତ ବକ୍ତା ଭାବରେ ପ୍ରବଚିକା ରାଜଲକ୍ଷ୍ମୀ ତ୍ରିପାଠୀ, ସଂଯୋଜକ ଭାବରେ ଭାବବନ୍ଧନ ପତ୍ରିକାର ମୁକ୍ୟ ସଂପାଦକ ପ୍ରାଧ୍ୟାପକ ଭୋଳାନାଥ ସାହୁ ପ୍ରମୁଖ ପ୍ରସଙ୍ଗ ଭିତିକ ଆଲୋଚାନା କରିଥିଲେ। ସୁଦର୍ଶନ ରାଉତ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାହିତ୍ୟିକ ପ୍ରଫୁଲ କୁମାର ଖିଲାର କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଏବେ ବି ବଂଚିଛି ମାନବିକତା: କର୍କଟ ପୀଡିତା କମଳିନୀଙ୍କୁ ସହଯୋଗର ହାତ ବଢ଼ାଇଲା ଚଣ୍ଡିମାତା ସେବା ସଂସ୍ଥା



ଖଇରା,୨୬/ ୭ (ନିପ୍ର)ଖଇରା ବ୍ଲକ କୁରୁଣ୍ଟା ଗ୍ରାମ ପଞ୍ଚାୟତ ରାଇକୁଳା ଗ୍ରାମର କର୍କଟ ପୀଡିତା କମଳିନୀ ମାଝୀ ଙ୍କ ର ଆର୍ଥିକ ଦୁରବସ୍ଥା କାରଣରୁ ସେ ଚିକିତ୍ସା ରୁ ବଞ୍ଚିତ ରହିବା ସହ କୁଡ଼ିଆ ଭିତରେ ଯନ୍ତ୍ରଣା ରେ ଛଟପଟ ହେଉଛନ୍ତି । ଏମିତି ସମୟ ରେ ଦେବଦୁତ ସାଜି ସାହାଯ୍ୟ ର ହାତ ବଢ଼ାଇଛନ୍ତି ଖଇରା ଅଂଚଳର ଅଗ୍ରଣୀ ସ୍ୱଚ୍ଛା ସ୍ୱେ ସଂଗଠନ ଚଣ୍ଡିମାତା ସେବା ସଂସ୍ଥା । ସଂଘର ସଭାପତି ହିମାଂଶୁ ନାୟକ ଙ୍କ ତତ୍ୱା ବଧାନ ରେ ଉପସଭାପତି ଧନଞ୍ଜୟ ପଣ୍ଡା, ସାହସମ୍ପାଦକ ଗୌତମ କୁମାର ନାୟକ, କୋଷଧକ୍ଷ୍ୟ ଅନାଦି ଚନ୍ଦ୍ର ଧଡ଼ା ପ୍ରମୁଖଙ୍କ ନେତୃତ୍ୱ ରେ ସଦସ୍ୟ ମାନେ ରାଇକୁଳା ଗ୍ରାମରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ପୀଡ଼ିତାଙ୍କ ର ସ୍ଥାୟୀ ବାସଗୃହ ନଥିବା ବେଳେ ସରକାର ଙ୍କ ତରଫରୁ ଆବାସ ଯୋଜନା ଯୋଗାଇ ଦେବାକୁ ସଂଗଠନ ତରଫରୁ ଦାବି କରାଯାଇଛି । ଯଥା ଶୀଘ୍ର ଘର ମିଳିବା ନେଇ ପରିବାର ତଫରୁ ସରକାରଙ୍କୁ ଗୁହାରି କରିଛନ୍ତି କ୍ଷସଂଗଠନର ଏପରି କାର୍ଯ୍ୟକୁ ଗ୍ରାମବାସୀ, ବୁଦ୍ଧିଜୀବୀ ମହଲରେ ଭୁରି ଭୁରି ପ୍ରଶଂସା କରାଯାଇଛି ।

# ଜୟପୁର-ନବରଙ୍ଗପୁର ରେଳପଥ ଜମି ଅଧିଗ୍ରହଣ ବେଳେ ଦୁଇ ଜିଲ୍ଲା ମଧ୍ୟରେ ପାତର ଅନ୍ତର ହୋଇଛି: ବିଜେଡ଼ି

ଜୟପୁର,୨୭/୦୭ (ନି.ପ୍ର): ଜୟପୁର-ନବରଙ୍ଗପୁର ରେଳପଥ ପାଇଁ ହେଉଥିବା ଜମି ଅଧିଗ୍ରହଣରେ ପାତର ଅନ୍ତର ହେଉଥିବା ଅଭିଯୋଗ ବାଢ଼ିଛି ବିଜେଡ଼ି । ଦଳ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ କୁହାଯାଇଛି ଯେ, ଏହି ପ୍ରକଳ୍ପର ଜମି ଅଧିଗ୍ରହଣ ବେଳେ ନବରଙ୍ଗପୁର ଜିଲ୍ଲାର ଜମି ହରାଉଥିବା ମାଲିକଙ୍କୁ ଅଧିକ ଜମି ଦେୟ ଦିଆଯାଇଥିବା ବେଳେ କୋରାପୁଟ ଜିଲ୍ଲାର ଜମି ମାଲିକଙ୍କୁ ବହୁ କମ୍ ପରିମାଣର ଟଙ୍କା ପଇଠ କରାଯାଇଛି । ଯଦ୍ୱାରା ବହୁ ଜମି ମାଲିକ ଏବେ ଜମି ହରାଇ ସର୍ବସ୍ୱାନ୍ତ ହେବାକୁ ବସିଥିବା ବେଳେ ସେମାନେ ସେମାନଙ୍କ ଜମିର ଉଚିତ ପ୍ରାପ୍ୟ ପାଇ ପାରିନାହାନ୍ତି । ଯଦି ସରକାର ସେମାନଙ୍କ ଉଚିତ ପ୍ରାପ୍ୟ ପାଇଁ ପଦକ୍ଷେପ ନ ନିଅନ୍ତି ତେବେ ବିଜେଡ଼ି ଆନ୍ଦୋଳନ କରିବ ଏବଂ ରେଳପଥ କାମ ଆଗେଇବାକୁ ଦେବନି ବୋଲି ଦଳ ପକ୍ଷରୁ ଜାତୀୟ ମୁଖପାତ୍ର ପ୍ରଦୀପ ମାଝି ଏବଂ ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ଉପସଭାପତି ରବି ନାରାୟଣ ନନ୍ଦ ମିଳିତ ଭାବେ ଆଜି କହିଛନ୍ତି । ସ୍ଥାନୀୟ ଏକ ହୋଟେଲ୍ ରେ ସାମ୍ବାଦିକ ସମ୍ମିଳନୀ କରି ଉଭୟ ନେତା କହିଛନ୍ତି ଯେ, ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ରେଳ ବିଭାଗ ଏବଂ ରାଜ୍ୟ ସରକାରଙ୍କ ବାଣିଜ୍ୟ ପରିବହନ ବିଭାଗ ମଧ୍ୟରେ ଏକ ଚୁକ୍ତି ୨୦୧୬ ମସିହାରେ ହୋଇଥିଲା । ଏଥିରେ କୁହାଯାଇଥିଲା ଯେ, ରାଜ୍ୟ ସରକାର ପ୍ରକଳ୍ପ ପାଇଁ ମାଗଣା ଜମି ଦେବା ସହ ପ୍ରକଳ୍ପ ଖର୍ଚ୍ଚ ଉଭୟ ସରକାର ସମାନ ଅଂଶ ଖର୍ଚ୍ଚ କରିବେ । ଏହାକୁ ଆଧାର କରି ରାଜ୍ୟ ସରକାର ୨୦୨୦ ମସିହାରୁ ଜମି ଅଧିଗ୍ରହଣ କାର୍ଯ୍ୟ ହାତକୁ ନେଇଥିଲେ । ପ୍ରଥମ କରି ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରଥମେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା ଜାରି କରିଥିଲା । ଯେଉଁଥିରେ ପ୍ରକଳ୍ପ ପ୍ରଭାବିତ ଗ୍ରାମ ଗୁଡ଼ିକର ପରାମର୍ଶକ୍ରମେ ଭୂମି ଅଧିଗ୍ରହଣ କରିବାକୁ ଅଂଚଳର ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚାଲିଥିଲେ । ସର୍ବେକ୍ଷଣଟି ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ର ଧାରା ୪ ଅନୁଯାୟୀ କରାଯାଇଥିଲା । ଯେଉଁଥିରେ କୋରାପୁଟ ଜିଲ୍ଲାର ଜୟପୁର ବ୍ଲକର ବଡ଼କାଉଡ଼ି, ମଜୁରମୁଣ୍ଡା, ଆମ୍ବାଗୁଡ଼ା, ହରଡ଼ାପୁଟ, ହଡ଼ପା, ଜୟନ୍ତଗିରି, ବୋରିଗୁମ୍ମା ବ୍ଲକର ଦୁଲାଗୁଡ଼ା, ବୋରିଗୁମ୍ମା, ଝିଲିମିଲି, କୁନ୍ଦ୍ରାଗୁଡ଼ା, ଅଂଚଳା, ପର୍ଲି, କାମରା, କନେଇଜୁବା, କାଳିଆଗୁଡ଼ା, ମଝିଆ, ଆଁଉଳି, ବରିଗାଁର ମୋଟ ୭୩୨.୩୩୫ ଘରୋଇ ଜମି ରହିଥିଲା ଏବଂ ଏହି ଜମିର ମାଲିକ ମାନେ ଏବେ କ୍ଷତିରେ ପଡିଛନ୍ତି । କାରଣ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ତହସିଲର ଦହିବଟା, ନୂଆଗଡ଼, ଗାଦବାଗୁଡ଼ା, ନବରଙ୍ଗପୁର, ସିନ୍ଧିଗାଁ ଏବଂ କେଶରୀଗୁଡ଼ାର ଅଧିଗୃହିତ ହୋଇଥିବା ୧୪୫.୬୪୩୦ ଏକର ଜମିର ମାଲିକମାନେ କୋରାପୁଟ ଜିଲ୍ଲା ଅପେକ୍ଷା ଅଧିକ ଦରରେ କ୍ଷତିପୂରଣ ପାଇଛନ୍ତି ।

# କେନ୍ଦ୍ରାପଡ଼ା କଲେଜ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨୭/୦୭ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମଗ୍ର ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ। ଏହି କଲେଜରେ କଲେଜର ଅଧ୍ୟକ୍ଷମାନେ ସମଗ୍ର ରାଜ୍ୟର ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲା। ସମଗ୍ର ରାଜ୍ୟରୁ ଛାତ୍ର/ଛାତ୍ରୀମାନେ ଏହି କଲେଜରେ ଅଧ୍ୟୟନ କରୁଥିଲେ। ସମଗ୍ର ରାଜ୍ୟରେ ଶିକ୍ଷା, ରାଜନୀତି, ପ୍ରଶାସନିକ ସେବା ଏବଂ ସମାଜସେବା କ୍ଷେତ୍ରରେ ଏହି ଅନୁଷ୍ଠାନର ଛାତ୍ରମାନେ ପ୍ରତିଷ୍ଠିତ। ଏହିଭଳି ଏକ ଶିକ୍ଷାଅନୁଷ୍ଠାନକୁ ଚିତରଞ୍ଜନ ଦାସ ଅଧ୍ୟକ୍ଷ ଭାବେ ଯୋଗ ଦେଇଛନ୍ତି।

# ରବୀନ୍ଦ୍ର ମଣ୍ଡପରେ ଆଜି ମଞ୍ଚସ୍ଥ ହେବ ନାଟକ 'ବାବାସାହେବ ଡ଼ଃ. ବି.ଆର. ଆମ୍ବେଦକର'



ଭୁବନେଶ୍ୱର, ୨୭/୭ (ନି.ପ୍ର): ସାମାଜିକ ଅନୁଷ୍ଠାନ 'ମଦର' ପ୍ରଯୋଜନାରେ ଭାରତରତ୍ନ ବାବାସାହେବ ଡ଼ଃ. ବି.ଆର. ଆମ୍ବେଦକରଙ୍କ ଜୀବନ, ସଂଘର୍ଷ ଓ ସାମାଜିକ ଅବଦାନକୁ ଆଧାର କରି ପ୍ରସ୍ତୁତ ବହୁ ପ୍ରତୀକ୍ଷିତ ନାଟକ 'ବାବାସାହେବ ଡ଼ଃ. ବି.ଆର. ଆମ୍ବେଦକର' ଆସନ୍ତା ୨୮ ଜୁଲାଇ (ମଙ୍ଗଳବାର) ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହେବ। ସାମାଜିକ କର୍ମୀ ପ୍ରମୋଦ କୁମାର ଦାସଙ୍କ ରଚିତ ଏହି ନାଟକକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲ ନିର୍ଦ୍ଦେଶନା ଦେଇଥିବା ବେଳେ ସହ-ନିର୍ଦ୍ଦେଶନାରେ ଅଛନ୍ତି ରଞ୍ଜନ କୁମାର ନାୟକ। ସନ୍ତୋଷ କୁମାର ପରିଡ଼ା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନାର ଦାୟିତ୍ୱ ତୁଲାଉଛନ୍ତି। ନାଟ୍ୟ ଅନୁଷ୍ଠାନ 'ଟିମ' ପକ୍ଷରୁ ଏହା ପରିବେଷଣ କରାଯିବ। ଏହି ଅବସରରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ମାନ୍ୟବର ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ତଥା ବିଶିଷ୍ଟ ସଂଳାପ ଓ କାହାଣୀ ଲେଖକ ଡ଼ଃ ରଜନୀ ରଞ୍ଜନ, ଓଡ଼ିଶା ନାଟ୍ୟ ସଂଘ ସଭାପତି ତଥା ବିଶିଷ୍ଟ ମଞ୍ଚ ଅଭିନେତା ଓ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ମଲ୍ଲିକ ଏବଂ ମଦରର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରମୁଖ ଆୟକର କମିସନର ଶରତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ବାବାସାହେବ ଆମ୍ବେଦକରଙ୍କ ଜୀବନଦର୍ଶନ, ସାମାଜିକ ନ୍ୟାୟ ଓ ସମାନତାର ବାର୍ତ୍ତାକୁ ନାଟ୍ୟରୂପରେ ଉପସ୍ଥାପନ କରୁଥିବା ଏହି ପ୍ରଯୋଜନାକୁ ଉପଭୋଗ କରିବା ପାଇଁ ନାଟ୍ୟପ୍ରେମୀ, ବୁଦ୍ଧିଜୀବୀ ଓ ସାଧାରଣ ଦର୍ଶକଙ୍କୁ ବହୁ ସଂଖ୍ୟାରେ ଯୋଗଦେବାକୁ ଆୟୋଜକମାନେ ଅନୁରୋଧ କରିଛନ୍ତି।

# କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣି : ୧୦୩ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ଉଦଳା , ୨୭/୭ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟି କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ, ମୟୂରଭଂଜ ହେମକାନ୍ତ ସୟ ଏବଂ ଆରକ୍ଷୀ ଅକ୍ଷିକ୍ଷକ ମୟୂରଭଂଜ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୦୩ଗୋଟି ଜନଅଭିଯୋଗର ଶୁଣାଣି କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ମୟୂରଭଂଜ ଧର୍ମାନନ୍ଦ ବେହେରା, ଭାରପ୍ରାପ୍ତ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ଼ା. ମୀନକେତନ ମହାନ୍ତି ଯୋଗଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୯୨ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୧ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୨୨ଗୋଟି ସମସ୍ୟାର ତତକାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧ଲକ୍ଷ ୭୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ଆଜିର ଏହି ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରେ କପ୍ତିପଦା ବ୍ଲକ ନୁଆସାହି ସ୍ଥିତ କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଏବଂ କିଛି ଅଧାପକଙ୍କ ଅନିୟମିତତା, ମାଙ୍କଡ଼ପଡ଼ା ଗ୍ରାମପଂଚାୟତରେ ଗଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା , ସରକାରୀ ଜଙ୍ଗଲ ଜମି ଉପରେ ଥିବା ଆମ୍ବ ବଗିଚା ଜବରଦଖଲ କାରୀଙ୍କୁ ଉଛେଦ, କପ୍ତିପଦାରୁ ମାଙ୍କଡ଼ପଡ଼ା ପଂଚାୟତ ଦେଇ ପଦ୍ମପୋଖରି ପର୍ଯ୍ୟନ୍ତ ରାସ୍ତା ମରାମତି ଓ ପୋଲ ନିର୍ମାଣ, ଉଦଳା ବ୍ଲକ ଯମୁନାଗଡ଼ ଗ୍ରାମରୁ ବିସ୍ଥାପିତ ଗ୍ରାମବାସୀଙ୍କୁ ସରକପାରଙ୍କ ତରଫରୁ ଚାଷ ଜମି ଯୋଗାଇଦେବା, ଜୟବନ୍ଧ ଠାରେ ମାଛଚାଷ କରିବାକୁ ପର୍ଯ୍ୟଟନସ୍ଥଳ ପରିଚାଳନା କମିଟିକୁ ଅନୁମତି ଦେବା ସହିତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଖୁଂଟା ବ୍ଲକ ଖୁଦପୁଟଳି ଗ୍ରାମବାସୀଙ୍କୁ ଜଙ୍ଗଲଜମି ପ୍ରଦାନ ଆଦି ଅଭିଯୋଗ ଗୁଡ଼ିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡ଼େପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ ।

# ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ: ଜଣେ ଗିରଫ

ସମ୍ବଲପୁର, ୨୭/୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ପୋଲିସ ଅନ୍ତର୍ଗତ ବୁର୍ଲା ଥାନା ପୋଲିସ ନକଲି କଫ୍ ସିରପ ଏବଂ ଓଏସ୍ ମଦ ପାଉଚ୍ ବିକ୍ରି ବିରୋଧରେ ବଡ଼ ସଫଳତା ହାସଲ କରିଛି। ବୁର୍ଲା ଥାନାରେ ରୁଜୁ ହୋଇଥିବା ମାମଲା ୩୨୭/୨୬ ଅନୁଯାୟୀ, ଗତକାଲି, ଜୁଲାଇ ୨୬ ତାରିଖ ସନ୍ଧ୍ୟା ୭ଟା ବେଳେ ବୁର୍ଲା ଥାନାର ଏସ୍ଆଇ ସଞ୍ଜୟ କୁମାର ସାହୁ ଓ ତାଙ୍କ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଜଣେ ବ୍ୟକ୍ତି ନକଲି କଫ୍ ସିରପ ଓ ଓଏସ୍ ମଦ ପାଉଚ୍ ବିକ୍ରି କରୁଥିବା ନେଇ ବିଶେଷ ସୂଚନା ପାଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିବା ସହ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ କରିଥିଲେ। ଗିରଫ ଅଭିଯୁକ୍ତ ଜଣକ ବୁର୍ଲା ପଠାଣବନ୍ଧ ସମଲେଶ୍ୱରୀ ନର୍ସିଂହୋମ୍ ନିକଟ ସ୍ୱର୍ଗତ ଚିତ୍ତରଞ୍ଜନ ମହାନନ୍ଦର ୪୦ ବର୍ଷିୟ ପୁଅ ବାବୁଲୁ ମହାନନ୍ଦ ବୋଲି ଜଣାପଡିଛି ।

# 'ପ୍ରତିଶ୍ରୁତି'ର ରଥଯାତ୍ରା ବିଶେଷାଙ୍କ ଲୋକାର୍ପିତ



ବାରିପଦା, ୨୭/୭ (ନି.ପ୍ର): ମୟୂରଭଞ୍ଜର ବାରିପଦାରୁ ଦୀର୍ଘ ୪୪ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସାହିତ୍ୟିକ ଭାଗବତ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ସାହିତ୍ୟ ଓ ସଂସ୍କୃତି ମୂଳକ ତ୍ରୈମାସିକ ପତ୍ରିକା 'ପ୍ରତିଶ୍ରୁତି'ର ରଥଯାତ୍ରା ବିଶେଷାଙ୍କ ଡାକ୍ତର ପାର୍ଥ ସାରଥୀ ଜେନାଙ୍କ ସଭାପତିତ୍ୱରେ ଲୋକାର୍ପିତ ହୋଇଯାଇଛି । ଉକ୍ତ ଲୋକାର୍ପଣ ଉତ୍ସବରେ ମୟୂରଭଞ୍ଜର ଜିଲ୍ଲାପାଳ ଶ୍ରୀଯୁକ୍ତ ହେମକାନ୍ତ ସୟ, ମୁଖ୍ୟଅତିଥି, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ବରୁଣ ଗୁଣ୍ଟୁପାଲି ସମ୍ମାନୀତ ଅତିଥି, ବାରିପଦା ପୌରପରିଷଦର ନଗରପାଳ ଶ୍ରୀଯୁକ୍ତ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନେତ୍ରାନନ୍ଦ ମଲ୍ଲିକ ବିଶିଷ୍ଟ ଅତିଥି, ଉପଜିଲ୍ଲାପାଳ ଶ୍ରୀମତୀ କସ୍ତୁରୀ ପଣ୍ଡା ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦୀପକ ଗୋଚ୍ଛାୟତ ପ୍ରମୁଖ ସମ୍ମାନୀତ ବକ୍ତାଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀଯୁକ୍ତ ସୟ ପତ୍ରିକାକୁ ଲୋକାର୍ପିତ କରି ଏହି ପତ୍ରିକାରେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ପ୍ରକାଶିତ ରଚନା ନିଶ୍ଚିତ ଭାବେ ପାଠକ ମାନଙ୍କ ଭିତରେ ଏ ଜାତିର ସଂସ୍କୃତି ତଥା ଜଗନ୍ନାଥଙ୍କ ତତ୍ତ୍ୱ ସମ୍ପର୍କରେ ଜ୍ଞାନ ଲାଭ ପାଇଁ ବିଶେଷ ଖୋରାକ ଯୋଗାଇବ ବୋଲି କହିଥିଲେ । ମୁଖ୍ୟବକ୍ତା ନଗରପାଳ ଶ୍ରୀଯୁକ୍ତ ମହାନ୍ତି ଏ ପତ୍ରିକା ଦୀର୍ଘ ୪୪ ବର୍ଷ ଧରି ମୟୂରଭଞ୍ଜରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଆନ୍ଦୋଳନ ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି କହିବା ସହିତ ସାହିତ୍ୟ ଗୋଟିଏ ଜାତିର ସ୍ପନ୍ଦନ ବୋଲି ଉଲ୍ଲେଖ କରିଥିଲେ । ସମ୍ମାନୀତ ଅତିଥି ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଗୁଣ୍ଟୁପାଲି ପତ୍ରିକାର ପ୍ରଚ୍ଛଦପଟ ଆକର୍ଷଣୀୟ ହୋଇଛି ବୋଲି କହିବା ସହିତ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏ ପତ୍ରିକା ଏକ ଦିଗବାରେଣୀ ବୋଲି କହିଥିଲେ । ବିଶିଷ୍ଟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମଲ୍ଲିକ ତାଙ୍କ ଅଭିଭାଷଣରେ ଗୋଟିଏ ଜାତି ତାର ସାହିତ୍ୟ ଓ ସଂସ୍କୃତି ପାଇଁ ସମାଜରେ ଶ୍ରେଷ୍ଠ ବିବେଚିତ ହୋଇଥାଏ ବୋଲି ବକ୍ତବ୍ୟ ପ୍ରଦାନ କରିବା ସହିତ ପତ୍ରିକାର ଦୀର୍ଘ ଜୀବନ କାମନା କରିଥିଲେ । ସମ୍ମାନୀତ ବକ୍ତା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଗୋଚ୍ଛାୟତ ଓ ଉପ-ଜିଲ୍ଲାପାଳ ଶ୍ରୀମତୀ ପଣ୍ଡା ସମାଜର ହିତ ସାଧନ ପାଇଁ ସାହିତ୍ୟର ବିଶେଷ ଭୂମିକା ରହିଛି ଓ ଏ ପତ୍ରିକା ସେହି ଭୂମିକାକୁ ନିଭାଇବା ପାଇଁ ସମର୍ଥ ବୋଲି ମତବ୍ୟକ୍ତ କରିଥିଲେ । ସଭାପତି ଡା. ଜେନା ଆଧ୍ୟାତ୍ମିକ ସାହିତ୍ୟ ହିଁ ମାନବ ଜୀବନକୁ ସୁଧାରିବାକୁ ସମର୍ଥ ବୋଲି କହିଥିଲେ । ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଯୁକ୍ତ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହିତ ଓଡ଼ିଶାର ବହୁ ଜଗନ୍ନାଥ ସଂସ୍କୃତି ଗବେଷକଙ୍କର ରଚନାରେ ସମୃଦ୍ଧ ଏ ପତ୍ରିକା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ବ୍ୟକ୍ତ କରିବା ସହିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକଶିତ ଭାଇବ୍ରାଣ୍ଟ ଗ୍ରାମ କାର୍ଯ୍ୟକ୍ରମ ଅଧୀନରେ ପ୍ରଧାନମନ୍ତ୍ରୀଙ୍କ ସହ ଭଦ୍ରକର ୧୦ ଜଣ ଯୁବକଙ୍କ ଭର୍ଚୁଆଲ୍ ଆଲୋଚନା

ଭଦ୍ରକ, ୨୭/୭ (ନି.ପ୍ର): ବିକଶିତ ଭାଇବ୍ରାଣ୍ଟ ଗ୍ରାମ କାର୍ଯ୍ୟକ୍ରମ-୨୦୨୬ ଅଧୀନରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତା ୨୬/୭/୨୬ ରିଖ ରେ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦୦ରୁ ଅଧିକ ଯୁବକଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ପ୍ରେରଣାଦାୟକ ଆଲୋଚନା କରିଥିଲେ।ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ଞ'ମୋ ଭାରତ'ଞ ପ୍ଲାଟଫର୍ମ, ଭାରତ-ତିବ୍ବତୀୟ ସୀମା ପୋଲିସ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ପ୍ରାୟ ୪୦୦ ଯୁବକ ଯୋଗ ଦେଇଥିଲେ ଭଦ୍ରକ ଜିଲ୍ଲାର ୧୦ ଜଣ ଯୁବ ଅଂଶଗ୍ରହଣକାରୀ ଭଦ୍ରକ କଲେକ୍ଟରଙ୍କ କାର୍ଯ୍ୟାଳୟ ଭିଡିଓ କନଫରେନ୍ସ ହଲ୍ ରୁ ଏହି ଜାତୀୟ ସ୍ତରୀୟ ଭର୍ଚୁଆଲ୍ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିକଶିତ ଭାରତର ସଂକଳ୍ପକୁ ଆଗକୁ ନେବା ଏବଂ ସୀମାନ୍ତ ଗ୍ରାମଗୁଡ଼ିକୁ 'ଦେଶର ପ୍ରଥମ ଗ୍ରାମ' ଭାବେ ଗଢି ତୋଳିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରଚାର କରିବା। ବିକଶିତ ଭାଇବ୍ରାଣ୍ଟ ଗ୍ରାମ କାର୍ଯ୍ୟକ୍ରମ' ତା: ୩ ଜୁନ୍ ରୁ ୩୦ ଜୁନ୍ ୨୦୨୬ ରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଦେଶର ୨୪୫ ଜିଲ୍ଲାରୁ ମନୋନୀତ ୪୦୩ ଜଣ ଯୁବକ ଲଦାଖ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ୭୪ଟି ସ୍ପନ୍ଦନଶୀଳ ସୀମାନ୍ତ ଗ୍ରାମ ପରିଦର୍ଶନ କରିଥିଲେ। ସେମାନେ ସ୍ୱଚ୍ଛତା ଅଭିଯାନ, ସରକାରୀ ଯୋଜନା ସଚେତନତା, ବୃକ୍ଷରୋପଣ, ସାଂସ୍କୃତିକ ବିନିମୟ ଓ ମିନି ମଡେଲ ପଞ୍ଚାୟତ ଆୟୋଜନ ଭଳି କାର୍ଯ୍ୟରେ ସାମିଲ ହୋଇଥିଲେ।ଦେଶବ୍ୟାପୀ ଅନଲାଇନ୍ କୁଇଜ୍ ପ୍ରତିଯୋଗିତାରେ ୩ ଲକ୍ଷରୁ ଅଧିକ ଯୁବକ ଅଂଶଗ୍ରହଣ କରିଥିଲେ, ଯେଉଁଥିରୁ ଏହି ୪୦୩ ଜଣଙ୍କୁ ଚୟନ କରାଯାଇଥିଲା ।

# ୨୮ ତମ କାରଗିଲ୍ ବିଜୟ ଦିବସ ପାଳିତ

ବାସୁଦେବପୁର, ୨୭/୭ (ନି.ପ୍ର): ବାସୁଦେବପୁର ସହର ରେ ତେନ୍ତୁଳିଆ ଠାରେ ରାଣୀ କୈଳାସ ଶିଖର କଲ୍ୟାଣ ମଣ୍ଡପ ପରିସରରେ ଅବସର ପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପକ୍ଷରୁ ୨୮ ତମ କାରଗିଲ୍ ବିଜୟ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ସାହିତ୍ୟିକ ଡକ୍ଟର ବସନ୍ତ କୁମାର ଦାସ। ସମାଜସେବୀ ମାନସ ରଞ୍ଜନ ସାହୁ, ଆଇ ସି ଆଇ ସି ଆଇ ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ ସୌରଭି ବୋଷ, ଡିଫେନ୍ସ ଇକୋ ସିଷ୍ଟମର ସମ୍ପର୍କ ପ୍ରବନ୍ଧକ ଆଶୁତୋଷ ବୋଷ, ଆଇ ସି ଆଇ ସି ଆଇ ବ୍ୟାଙ୍କ ବାସୁଦେବପୁର ଶାଖା ପ୍ରବନ୍ଧକ ସୁଜିତ କୁମାର ରାଉତ, ଅବସର ପ୍ରାପ୍ତ ସୈନିକ ସଂଘ ସଭାପତି ଶରତ କୁମାର ନାୟକ ପ୍ରମୁଖ ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ସୈନିକ କଲ୍ୟାଣ ସଂଘର ସମ୍ପାଦକ କୈଳାସ ଚନ୍ଦ୍ର ନାଥ ମଞ୍ଚ ସଞ୍ଚାଳନ କରିଥିଲେ।ଏହି ଅବସରରେ କବି ସୁଧାଂଶୁ ଶେଖର ମିଶ୍ର,ଭାଗୀରଥି ମହନୀ କବିତା ପାଠ କରିଥିଲେ। ତୁକାଶ୍ରୀ ଡାଇକଣ୍ଡୋ ଏକାଡେମୀ ର ପିଲାମାନେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ଗୟାଧର ମଝି,ରତିକାନ୍ତ ପଣ୍ଡା,ଭାଗୀରଥି ମହାରଣା,ଶଶଧର ମହାଳିକ,ଦାମୋଦର ଲେଙ୍କା,ବନମାଳୀ ପରିଡ଼ା,ତ୍ରିଲୋଚନ ରାୟ,ପ୍ରଦୀପ ବେହେରା, ବିପିନ ବିହାରୀ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସାରା ଓଡ଼ିଶାକୁ ...

ପଞ୍ଚାୟତର ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ହୋଇଯାଇଛି । ଅଗୁଗୁଲୁ ଟିକରପଡ଼ା-ମଝିପଡ଼ା ରାସ୍ତାରେ ୫ ଫୁଟର ପାଣି ଚାଲୁଥିବାରୁ ୪ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି । ଏହି ବନ୍ୟା ଓ ବର୍ଷା ସ୍ଥିତି ଯୋଗୁଁ ଯାତାୟାତ ଏବଂ ପରିବହନ ବ୍ୟବସ୍ଥା ମଧ୍ୟ ବହୁତଭାବେ ପ୍ରଭାବିତ ହୋଇଛି । କୋରାପୁଟ-ରାୟଗଡ଼ା ରେଳ ଲାଇନ୍‌ରେ ବର୍ଷା ପାଣି ଜମି ରହିବାରୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ରାଜ୍ୟରେ ଏଭଳି ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସ୍ଥିତିର ସମୀକ୍ଷା କରିଛନ୍ତି ଏବଂ ପ୍ରଶାସନକୁ ସତକର୍ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ, ହୀରାକୁଦ ଜଳଭଣ୍ଡାରର ଆଉ ୬ଟି ଗେଟ୍ ବନ୍ଦ କରାଯାଇ ବର୍ତ୍ତମାନ ମାତ୍ର ୨ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି । ତଥାପି ଆସନ୍ତା ୪ ଦିନ ଧରି ବର୍ଷା ଲାଗି ରହିବାର ପୂର୍ବାନୁମାନ ରହିଥିବାରୁ ନଦୀକୂଳିଆ ଏବଂ ତଳିଆ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରେ କ୍ଷୟକ୍ଷତି ଆଶଙ୍କା ଓ ଭୟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ।

### ପୂର୍ବତନ ମନ୍ତ୍ରୀ ସୁଶାନ୍ତ...

ସେ ଓଡ଼ିଶା ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କର ରାଜନୈତିକ ଜୀବନରେ ସାଧାରଣ ଲୋକଙ୍କ ସେବା ଏବଂ ବିକାଶମୂଳକ କାର୍ଯ୍ୟ ପାଇଁ ସେ ପରିଚିତ ଥିଲେ। ଶୋକ ତାଙ୍କ ଦେହାନ୍ତ ଖବର ପାଇ ରାଜ୍ୟର ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଓଁ ଶାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ଶୋକବାର୍ତ୍ତାରେ କହିଛନ୍ତି, ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ସୁଶାନ୍ତ ସିଂହଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ବିଜେଡି ସମେତ ବିଭିନ୍ନ ଦଳର ନେତାମାନେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶୋକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ବରିଷ୍ଠ ରାଜନେତା ତଥା ଓଡ଼ିଶା ସରକାରରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଓଁ ଶାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ଶୋକବାର୍ତ୍ତାରେ କହିଛନ୍ତି, ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ସୁଶାନ୍ତ ସିଂହଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ସଙ୍ଗଠକ ତଥା ଲୋକପ୍ରିୟ ନେତାଙ୍କୁ ହରାଇଲା। ବିଜୁ ଜନତା ଦଳକୁ ମଜଭୁତ କରିବା ସହ ଲୋକଙ୍କ ସେବାରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

### ପ୍ରଶ୍ନପତ୍ର ଲିକ୍ ବିଲ୍ ...

ଜନ୍ତରମନ୍ତରଠାରେ ଜୁଲାଇ ୨୦ ତାରିଖରେ କକ୍ରୋଚ ଜନତା ପାର୍ଟି ନେତୃତ୍ୱାଧୀନ ଛାତ୍ର ଆନ୍ଦୋଳନ ବେଳେ ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ସୋମବାର ସଂସଦର ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ ଦେଖାଯାଇଥିଲା। କଂଗ୍ରେସ ଏହି ପ୍ରସଙ୍ଗରେ ଗୃହରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବିବୃତି ଦିଅନ୍ତୁ ବୋଲି ଦାବି କରିଛନ୍ତି। କଂଗ୍ରେସ ଓ ସମାଜବାଦୀ ପାର୍ଟିର ସାଂସଦମାନେ ବ୍ୟାନର ଧରି ଗୃହ ମଧ୍ୟଭାଗକୁ ପଶି ଆସିବା ସହିତ ସ୍ଲୋଗାନ ଦେଇଥିଲେ। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଭିତରେ ଲୋକସଭାକୁ ଚାରି ଥର ମୁଲତବୀ କରାଯାଇଥିଲା।ଏହାପୂର୍ବରୁ ବାଚସ୍ପତି ବିର୍ଲା ସରକାର ଓ ବିରୋଧୀ ଦଳମାନଙ୍କୁ ସେମାନଙ୍କ ମତଭେଦ ଦୂର କରି ସନ୍ଧ୍ୟା ୫ଟାରେ ବିତର୍କ ପାଇଁ ପ୍ରସ୍ତୁତ ହେବାକୁ କହିଥିଲେ। ବାଚସ୍ପତି କହିଥିଲେ, ବିଲ୍‌ରେ ୯୧ ତମ ସଂଶୋଧନ ଆଗତ କରାଯାଇଛି ଓ ଆଲୋଚନା ପାଇଁ ୬ ଘଣ୍ଟା ଧାର୍ଯ୍ୟ କରାଯାଇଛି। ଯଦି ସଦନ ଆବଶ୍ୟକ କରେ ଅଧିକ ସମୟ ବିତର୍କ ପାଇଁ ପ୍ରଦାନ କରାଯିବ। ୨୦୨୪ ରେ ଆସିଥିବା ପ୍ରଶ୍ନପତ୍ର ଲିକ୍ ନିରୋଧୀ ବିଲ୍‌କୁ ଅଧିକ କଠୋର କରି ଏଥିରେ ୧୦ ବର୍ଷର ଜେଲ ଦଣ୍ଡାଦେଶ ବ୍ୟବସ୍ଥା ଓ ପରୀକ୍ଷା ସମ୍ପର୍କିତ ଅପରାଧରେ ଦଣ୍ଡାଦେଶ ବୃଦ୍ଧି କରାଯାଇଛି। ମାମଲାର ଶୀଘ୍ର ଶୁଣାଣି ପାଇଁ ଫାଷ୍ଟଟ୍ରାକ୍ କୋର୍ଟର ପ୍ରସ୍ତାବ ମଧ୍ୟରେ ଏଥିରେ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

### ନେପାଳରେ ସାମ୍ପ୍ରଦାୟିକ...

ଦୁଇପକ୍ଷ ମଧ୍ୟରେ କଥା କଟାକଟି ଦେଖୁ ଦେଖୁ ହିଂସକ ରୂପ ନେଇଥିଲା। ଦୁଇ ସମ୍ପ୍ରଦାୟ ମଧ୍ୟରେ ପଥର ଫିଙ୍ଗା ଓ ମାଡ଼ପିଟ୍ ହୋଇଥିଲା। ଉତ୍ତ୍ୟକ୍ତ ଲୋକମାନେ କପ୍ତାନଗଞ୍ଜ ଅଞ୍ଚଳରେ ଦୋକାନ, ବଜାର, ଘର ମେଡିକାଲ ସୁବିଧା, ଗାଡ଼ି ଓ ସରକାରୀ ସମ୍ପତ୍ତି ଭଙ୍ଗାରୁଜା କରିଥିଲେ। ପରସ୍ଥିତିକୁ ଦେଖି ସୁରକ୍ଷାକର୍ମୀ ହସ୍ତକ୍ଷେପ କରିଥିଲେ। ଭିଡ଼କୁ ଘଉଡ଼େଇବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହିତ ଫାଙ୍କା ଗୁଳିଚାଳନା କରିଥିଲେ। ପରିସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଭିଡ଼ ଉପରକୁ ପୁଲିସକୁ ଗୁଳି ଚାଳନା କରିବାକୁ ପଡ଼ିଥିଲା। ପୁଲିସ ଗୁଳି ଚାଳନାରେ ୨୪ ବର୍ଷୀୟ ଓମ୍ ପ୍ରକାଶ ମେହତାଙ୍କର ମୃତ୍ୟୁ ହୋଇଥିଲା। ଏହି ହିଂସାରେ ସୁରକ୍ଷାକର୍ମୀଙ୍କ ସହିତ ୧୨ରୁ ଅଧିକ ଲୋକ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ କେତେକ ଲୋକଙ୍କ ଅବସ୍ଥା ଗମ୍ଭୀର ଥିବା କୁହାଯାଉଛି। ଏବେବି ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି।

### ଶ୍ରାବଣର ଦ୍ୱିତୀୟ ....

ପୂର୍ଣ୍ଣ କରନ୍ତି ବୋଲି ବିଶ୍ୱାସ ରହିଛି । ଏହି ବିଶ୍ୱାସକୁ ନେଇ ଆଜି ବାବାଙ୍କ ନିକଟରେ ହଜାର ହଜାର କାଉଡିଆ ବିଭିନ୍ନ ନଦୀ ଓ ପୁଷ୍କରଣୀରୁ ପାଣି ଆଣି ବାବାଙ୍କ ନିକଟରେ ଢାଳୁଛନ୍ତି । ଏହା ଶହ ବାବାଙ୍କୁ ଦର୍ଶନ କରିବା ପାଇଁ ମଧ୍ୟ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବା ପାଇଁ ମିଳିଛି । ତେବେ ଭୋର ୪ ଟାରେ ମନ୍ଦିର ଗର୍ଭଗୃହ ଖୋଲିବା ପରେ ପ୍ରାୟ ଦେଢ଼ ଘଣ୍ଟା ଧରି ବାବାଙ୍କ ନୀତିକ୍ରାନ୍ତି ଚାଲିଥିଲା ।

ଏହାରି ଭିତରେ ସକାଳ ୫ଟା ପାଖରୁ କାଉଡିଆ ମାନଙ୍କୁ ପାଣି ଢ଼ାଳିବା ଅନୁମତି ଦିଆଯାଇଥିଲା । ଅନ୍ୟପଟେ ବାବାଙ୍କ ନୀତିକ୍ରାନ୍ତି ଶେଷ ହେବା ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ଯାହାକୁ ନେଇ ମନ୍ଦିର ଗର୍ଭଗୃହ ଠାରୁ ନୀଳ ପୋଖରୀ ପର୍ଯ୍ୟନ୍ତ ଏକ ଲମ୍ଵା ଲାଇନ ଦେଖିବା ପାଇଁ ମିଳିଥିଲା । ସେପଟେ ପାଣି ଢ଼ାଳିବା ପାଇଁ ବିଭିନ୍ନ ଅଂଚଳରୁ ଆସିଥିବା କାଉଡ଼ିଆ ମାନଙ୍କ ପାଇଁ ମଧ୍ୟ ମନ୍ଦିର ଗେଟ ପର୍ଯ୍ୟନ୍ତ ଏକ ଲମ୍ଵା ଲାଇନ କରାଯାଇ ଶାନ୍ତି ଶୃଙ୍ଖଳା ସହ ପାଣି ଢଳା କାର୍ଯ୍ୟକ୍ରମ କରାଯାଇଥିଲା । ତେବେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଆଖି ଆଗରେ ରଖି ସ୍ଥାନୀୟ ପୋଲିସକୁ ନିୟଜିତ କରାଯାଇଛି ।

### 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର...

ଏହି ଅବସରରେ ଡ. ଝରଣା ପଟ୍ଟନାୟକ, ଡ. ନାରାୟଣ ପଣ୍ଡା, ଶ୍ରୀବତ୍ସ ଜେନା, ଡ. ବାସନ୍ତୀମହାନ୍ତି, ରାଜୀବ ପାଣି, ଡ. ଦେବାଶିଷ ପାତ୍ର, ମହାପାତ୍ର ସବିତା ହୋତା, ଭଗବାନ ସାହୁ, ପ୍ରଶାନ୍ତ କୁମାର ଦାଶ, ସସ୍ମିତା ଦାସ, ସୁଧାଂଶୁ ପଣ୍ଡା, ମଧୁସୂଦନ ମହାନ୍ତି ଓ କେଶବ ଚନ୍ଦ୍ର ନାଥ ପ୍ରମୁଖଙ୍କୁ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶତୃଘ୍ନ ମଲ୍ଲିକ, ଏସବିଆଇ କର୍ମଚାରୀ ସଂଘର ଆଂଚଳିକ ସମ୍ପାଦକ କବି ମାନସ କୁମାର ମହାପାତ୍ର ଓ କବି ଭରତ ଚନ୍ଦ୍ର ଦାଶଙ୍କ ଉପସ୍ଥିତିରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା ଯାହାକୁ କବି ମଧୁସୂଦନ ମିଶ୍ର ସଂଯୋଜନା କରିଥିଲେ। ଏହି ଉତ୍ସବରେ ମାନପତ୍ର ପାଠ କରିଥିଲେ କିରଣବାଳା ନାୟକ । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ରୋଟାରିଆନ ଯଶୋଦା ନନ୍ଦନ ଆସ, ପ୍ରଦୀପ୍ତ ମହାନ୍ତି ଓ ଦୀପକ କୁମାର ସାହୁ । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସାଗରିକା ଓ ଧ୍ୱନି ପ୍ରତିଧ୍ୱନିର ଶୁଭେଚ୍ଛୁ, ଲେଖକ ଓ ପାଠକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# ଜଳେଶ୍ୱରରେ ନେୟା ସୋରୁଆତ କଲ୍ୟାଣ ସମିତି ପକ୍ଷରୁ ନିଶାମୁକ୍ତି କେନ୍ଦ୍ର ଉଦ୍‌ଘାଟିତ

ଜଳେଶ୍ୱର , ୨୭/୭ (ନି.ପ୍ର): ଜଳେଶ୍ୱର ଅଞ୍ଚଳରେ ନିଶାଗ୍ରସ୍ତ ମାନଙ୍କର ସଂଖ୍ୟା ବଢ଼ି ଚାଲିଛି ।ଜଳେଶ୍ୱର ସହରର ବାସନ୍ତୀ ପଡିଆ ନିକଟରେ ନେୟା ସୋରୁବାତ କଲ୍ୟାଣ ସମିତି ପକ୍ଷରୁ ୨୬ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଜଳେଶ୍ୱର ବାସନ୍ତୀ ପଡିଆ ୟୁନିୟନ ବ୍ୟାଙ୍କ ପାଖରେ ନିଶାମୁକ୍ତି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ସୂଚନା ଅନୁସାରେ ନିଶା କାରବାରରେ ଜଳେଶ୍ୱର ଓଡ଼ିଆରେ ୧ନଂ ସ୍ଥାନରେ ଥିବାବେଳେ ନିଶାଡିଙ୍କ ପାଇଁ ଜଳେଶ୍ୱର ଅଞ୍ଚଳ କଳୋସିତ ହୋଇଅଛି । ଅଳ୍ପ ବୟସରୁ ଯୋବକମାନେ ନିଶା ସେବନ କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ନିଶା ଖାଇ ନିଜକୁ ନଷ୍ଟ କରିଦେଇଥିବା କିଛି ଯୋବକ ସମାଜରେ ମୁଖ୍ୟ ସୂତ୍ରକୁ ଫେରିଆସିବା ପରେ ଅନ୍ୟ ଯୋବକ ମାନଙ୍କୁ ନିଶା ଛାଡ଼ିବାକୁ ଦେଇଛନ୍ତି ଆହ୍ୱାନ ଏବଂ ମିଳିତ ଭାବେ ନିଶା ନିବାରଣ କେନ୍ଦ୍ର ଖୋଲି ସମସ୍ତଙ୍କୁ ଆକର୍ଷିତ କରିବାରେ ହେଉଛନ୍ତି ସଫଳ।ଏହି କାର୍ଯ୍ୟକ୍ରମରେ ଉଦଘାଟକ ସମାଜସେବୀ ବିରଜା ଶଙ୍କର ପାଠୀ, ତାପସ କୁମାର ପାଣିଗ୍ରାହୀ, ଏହି ଟ୍ରଷ୍ଟ ର ସଭାପତି ଦିଲ୍ଲୀପ କୁମାର ସାମନ୍ତ ପୂର୍ବରୁ ନିଶାଗ୍ରସ୍ତ ଥିଲେ। ଏବେ ସଂପୁର୍ଣ୍ଣ ନିଶା ଛାଡ଼ି ୭ଟି ନିଶାମୁକ୍ତି କେନ୍ଦ୍ର ରେ କାଉନ ସେଲିଙ୍ଗ କରୁଛନ୍ତି ଏବ ଏବଂ ଆଗକୁ ବୃଦ୍ଧା ଆଶ୍ରମ ସହ ଅନେକ ଗୁଡ଼ିଏ ସାମାଜିକ କାର୍ଯ୍ୟ କରିବାର ଲକ୍ଷ୍ୟ ରଖିଛନ୍ତି ।ପୂର୍ବତନ କାଉନସିଲର ଗୀତାଞ୍ଜଳି ସାମନ୍ତ, ମୁଖ୍ୟ ଅତିଥି ଭାବେ ଆଇନଜୀବି ଫାଲ୍ଗୁନୀ ପାଣିଗ୍ରାହୀ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଟ୍ରଷ୍ଟ ର ସଂପାଦକ ଶଶାଙ୍କ ଶେଖର ଜେନା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜୟନ୍ତ ପାଠୀ, ଅସୀମ ଦାସ, ଜିଦ୍ଦି ବେହେରା, ରଜ କୁମାର ସାମନ୍ତ,ସୁଜିତ ପାତ୍ର,ପ୍ରଭାସ ଗିରି ପ୍ରମୁଖ ଯୋଗ ଦେଇଥିଲେ।

## ତାମୁଲିଆ ବ୍ରିଜ କାମ ନହେଲେ, ଆଞ୍ଚଳିକ ସୁରକ୍ଷା ମଞ୍ଚ ତରଫରୁ ଧାରଣା ଡାକରା

ବାଲେଶ୍ୱର , ୨୭/୭ (ନି.ପ୍ର): ବାଲେଶ୍ୱର ସଦର ମହକୁମାକୁ ଯୋଡୁଥିବା ଜିଲ୍ଲା ମୁଖ୍ୟ ସଡ଼କ ଉପରେ ତାମୁଲିଆଠାରେ ଥିବା ଉଡ଼ନ୍ତା ପୋଲ ଏବେ ବିପଦ ସଂକୁଳ ଅବସ୍ଥାରେ ଅଛି। ବିଭିନ୍ନ ସ୍ଥାନରେ କଂକ୍ରିଟ ଉଠିଯିବା ସହ ଲୁହାରଡ଼ ସବୁ ଦେଖାଗଲାଣି। ଜିଲ୍ଲା ମୁଖ୍ୟ ସଡ଼କରେ ରେଳଧରଣା ଉପରେ ଥିବା ଉଡ଼ନ୍ତା ପୋଲଟି ଅବସ୍ଥିତ ହେତୁ ପ୍ରତିଦିନ ସାହସ୍ରାଧିକ ଭାରି ଗାଡି ଚାଲିବା ସହ ଯାତ୍ରୀ ବାହି, ସ୍କୁଲ କଲେଜ ବସ ସହ ଅନବରତ ଦୁଇ ଚକିଆ ତିନି ଓ ଚାରି ଚକିଆ ଗାଡ଼ିସବୁ ଯାତାୟାତ କରୁଛି। ଏହା ସହରକୁ ପ୍ରବେଶ ପାଇଁ ଏକମାତ୍ର ପଥ ହୋଇଥିବାରୁ ଉଡ଼ନ୍ତା ପୋଲର ଏଭଳି ଅବସ୍ଥା ଚିନ୍ତାର କାରଣ ହୋଇଛି। ତୁରନ୍ତ ମରାମତି ନହେଲେ କେତେବେଳେ କଣ ହେବ କିଛି କହିହେବ ନାହିଁ। ଏବାବଦରେ ଆଞ୍ଚଳିକ ସୁରକ୍ଷା ମଞ୍ଚର, ସଭାପତି ତଥା ସୂଚନାଧିକାର କର୍ମୀ କମଳ ଲୋଚନ ରାଉତଙ୍କ ସହିତ ସଂଗଠନ ଆଗଧାଡିର କିଛି କର୍ମକର୍ତ୍ତାମାନଙ୍କ ସହ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିବା ସହ ବାଲେଶ୍ୱର ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ସହ ଉଡ଼ନ୍ତା ପୋଲଟିକୁ ତୁରନ୍ତ ମରାମତି କରିବା ପାଇଁ ଅନୁରୋଧ କରିଛନ୍ତି। ସାଧାରଣ ଜୀବନ ପ୍ରତି ବିପଦ ଦେଖା ଦେଉଥିବାରୁ,ଅବହେଳା ଏକ ବଡଧରଣର ଦୁର୍ଘଟଣା ଆଡକୁ ନିଶ୍ଚିତ ବାଟ କଢାଇ ନେବ। ଘଟଣାଟିର ଗୁରୁତ୍ୱ ଉପଲବ୍ଧିକରି ଆଞ୍ଚଳିକ ସୁରକ୍ଷା ମଞ୍ଚ, ବାଲେଶ୍ୱର ଆଗାମୀ ଦିନରେ ଜନସାଧାରଣ ହିତରେ ଧାରଣା ଦେବାକୁ ସୂଚନା ମଧ ଦେଇଅଛି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନରୁ ଅଶ୍ୱିନୀ କୁମାର ଦାଶ, କମଳ ଲୋଚନମହାପାତ୍ର,ତପନ ସେଠି, ସତ୍ୟବ୍ରତ ସ, ବାଦଲ ମହାନ୍ତି, ସୁଶାନ୍ତ ପାଣିଗ୍ରାହୀ, ପ୍ରତାପ ଦ୍ୱିବେଦୀ, ଭାସ୍କର ମଲ୍ଲିକ, ଶଙ୍କର୍ଷ ଣ ଶତପଥି, କାଶୀନାଥ ମାଝୀ, ଉମରୁଧର ମହାରଣା, ବାବୁ ବାବୁ ସଂଜୀବ ଜେନା, ସଂଜୀବ ନାୟକ, ନିରଞ୍ଜନ ସେଠି, ରଞ୍ଜନ ଦାସ, ମହେଶ ଚଣ୍ଡ,ସନ୍ଦିପ ପ୍ରଧାନ, ମୃର୍ମୟ ମହାପାତ୍ର,ସୁଧାକର ରାଉତ, ମହେଶ ପାଣି, ରାକେଶ ଭୂଇଁୟା, ବିଶ୍ୱନାଥ ଦାସ, ବିନୋଦ ବାବୁ, ସେକ ମନାନ, ପରମାନନ୍ଦ ବିଶ୍ୱାଳ, ଦୀପକ ପରିଡା ପ୍ରମୁଖ ଆଶୁ ନିର୍ମାଣ ପାଇଁ ଦାବୀ ରଖିଛନ୍ତି।

# ବନ୍ୟପ୍ରାଣୀ ଅପରାଧ ମାମଲାରେ ଦୁଇ ଅଭିଯୁକ୍ତ ଗିରଫ: ଜାମିନ ନାମଞ୍ଜୁର

ନୀଳଗିରି, ୨୭/୭ (ନି.ପ୍ର): ଖନ୍ତାପଡା ପୋଲିସ ସୂଚନା ଆଧାରରେ ନୀଳଗିରି ବନବିଭାଗ ବନ୍ୟପ୍ରାଣୀ ଅପରାଧିକ ମାମଲାରେ ଦୁଇଜଣ ଅପରାଧୀଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ଜଣାପଡିଛି। ସୂଚନା ମୁତାବକ ଜୁଲାଇ ୨୬ତାରିଖ ଅପରାହ୍ନ ୨.୩୦ମିନିଟ ସମୟରେ ଖନ୍ତାପଡ଼ା ଥାନାରୁ ସୂଚନାପାଇ ନୀଳଗିରି ବନବିଭାଗ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପଶ୍ଚିମବଙ୍ଗ ମେଦିନାପୁର ଜିଲ୍ଲା ନାରାୟଣଗଡ ଥାନା ଅନ୍ତର୍ଗତ ମେଟାଲ ଅଞ୍ଚଳର ଉଜ୍ଜଳ ଭକ୍ତା (୩୫) ଏବଂ ସୁଜିତ ଭକ୍ତା (୧୯) ନାମକ ଦୁଇଜଣ ଅପରାଧୀଙ୍କ ନିକଟରୁ ଗୋଟିଏ ଜୀବନ୍ତ ଗୋଧି, ଏକ ପ୍ଲାଷ୍ଟିକ ବ୍ୟାଗ, ପ୍ଲାଷ୍ଟିକ ଦଉଡ଼ି ଏବଂ ଦଉଡ଼ିରେ ତିଆରି ୯ଟି ଫାଶ ଜବତକରି ଉଭୟଙ୍କୁ ନୀଳଗିରି କାର୍ଯ୍ୟାଳୟକୁ ଆଣିଥିଲେ। ଏନେଇ ଓ ଆର କେସ ନଂ ୦୯ଏନ ୩୦୨୬/୨୭ରେ ମାମଲା ରୁଜୁ କରାଯାଇଥିବା ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।










'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ସମାରୋହ ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ଭରତ ଚନ୍ଦ୍ର ଦାଶ, ମଧୁସୂଦନ ମିଶ୍ର, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଓ ମାନସ ମହାପାତ୍ର ମଞ୍ଚାସୀନ।

# ଶ୍ରୀକ୍ଷେତ୍ର ରଥଯାତ୍ରାରେ ଭିଡ଼ ଭିତରେ ଭିନ୍ନ ପରିଚୟ 'ଜଗା ଚାକର ସଂଘ'

ପୁରୀ, ୨୭/୭ (ନି.ପ୍ର): ମାନବ ସମାଜକୁ ଶାନ୍ତି, ମୈତ୍ରୀ ଓ ସଂହତିର ସୂତ୍ରରେ ବାନ୍ଧି ରଖିବା ପାଇଁ ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜଗା ଚାକର ସଂଘ' ପକ୍ଷରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅବସରରେ ଶ୍ରୀ ଗୁଣ୍ଡିଚା ଯାତ ଠାରୁ ସୁନାବେଶ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବିଭିନ୍ନ ସେବା ପ୍ରଦାନ ନିମନ୍ତେ ପୁରୀ ସହରାଞ୍ଚଳ ଅଧୀନ ମେଡିକାଲ ଛକ ସ୍ଥିତ ସଂଘ ରାଜ୍ୟ କାର୍ଯ୍ୟାଳୟ ଠାରେ ସଂଘ ର ସମସ୍ତ ଭାଇ ଭଉଣୀ ଏକତ୍ରିତ ହୋଇଛନ୍ତି। ପ୍ରତ୍ୟେକ ଦିନ ପ୍ରାତଃ ସମୟରେ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରୁ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନାମ ସଂକୀର୍ତ୍ତନ କରି ସଂଘର ଚାକର ମାନେ ଶ୍ରୀମନ୍ଦିର ନିକଟରେ ପହଞ୍ଚୁଥିବା ଦେଖିବାକୁ ମିଳୁଛି। ବିଶେଷ ଭାବେ ରଥଯାତ୍ରା ସମୟରେ ପରିବେଶ ଓ ପରିମଳକୁ ସୁସ୍ଥ ରଖିବା ପାଇଁ ଅନୁଷ୍ଠାନର ଚାକର ମାନେ ବଡ଼ ଦାଣ୍ଡକୁ ସଫେଇ ମଧ କରିଥିବା ଦେଖିବାକୁ ମିଳିଥିଲା। ଏତତ ବ୍ୟତୀତ ସଂଘ ର ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ଉପ ସଭାପତି ପ୍ରିୟଦର୍ଶିନୀ ନାୟକ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ, ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ସଭାପତି ସଦାନନ୍ଦ ସାହୁ, ସହ ସମ୍ପାଦକ ଧର୍ମାନନ୍ଦ ସାହୁ, କାର୍ଯ୍ୟ ନିର୍ବାହୀ




ସଦସ୍ୟ ବସନ୍ତ କୁମାର ସାହୁ, ସଞ୍ଜୟ କୁମାର ଆଚାର୍ଯ୍ୟ, ବିଶ୍ୱନାଥ ପାତ୍ର, ମନୋଜ କୁମାର ପାତ୍ର, କଳ୍ପନା ଦାଶ, ମମତା ରାଉତ, ହୃଦାନନ୍ଦ ଭୋଇ, ପ୍ରସନ୍ନ କୁମାର ଚୌଧୁରୀ, ଦୁଃଶାସନ ପଲେଇ, ପ୍ରଦୀପ ମଣ୍ଡଳ, ପ୍ରେମାନନ୍ଦ ପାତ୍ର, ଜୟନ୍ତୀ ନାୟକ, କନକ ପରିଡ଼ା, ଅଭୟ ପରିଡ଼ା, ଲୋନୀ ସାହୁ, ସୁପ୍ରଭା ମିଶ୍ର, ପଞ୍ଚାନନ ରଣା, ସନାତନ ସାହୁ, ରମେଶ ଦଳେଇ, ଘାସିରାମ ନାୟକ, ନିରୋଦ ନାୟକ, ମନୋଜ କଂସା ବେହେରା, ଜନ୍ମେଜୟ ଦଳେଇ, କ୍ଷିତୀଶ ମିଶ୍ର ଙ୍କ ସମେତ ବହୁ ଯୁବକ ଏବଂ ମହିଳା ସକ୍ରିୟ ସହଯୋଗ କ୍ରମେ ଶ୍ରୀଗୁଣ୍ଡିଚା ଠାରୁ ସୁନାବେଶ ପର୍ଯ୍ୟନ୍ତ ଜଳ ସିଞ୍ଚନ, ଛାୟା ସେବା, ପରିମଳ ସେବା, ପାନୀୟ ଜଳ ସେବା, ଆମ୍ବୁଲାନ୍ସ ସେବା, ଗୁଆ ଘିଅ ରେ ପ୍ରସ୍ତୁତ ଖାଦ୍ୟ ବଣ୍ଟନ, ଔଷଧ ବଣ୍ଟନ, ବିଞ୍ଚଣା ସେବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ସେହିପରି ସଂଘ ର ଭାଇ ଭଉଣୀ ମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ଚେତନା ନାଟକ ମଧ ଅନୁଷ୍ଠିତ ହୋଇଥିଲା।ଏହି ସେବା କେବଳ ପୁରୀ ନୁହେଁ ରାଜ୍ୟର ଅନ୍ୟ କିଛି ସ୍ଥାନରେ ଚଳିତ ବର୍ଷ ରଥଯାତ୍ରା ସମୟରେ ସେବା ପ୍ରଦାନ କରାଯାଇଥିବା ବେଳେ ଆଗାମୀ ଦିନରେ ରାଜ୍ୟର କୋଣ ଅନୁକୋଣରେ ହେଉଥିବା ମହାପ୍ରଭୁଙ୍କ ରଥଯାତ୍ରାରେ ସମସ୍ତଙ୍କ ସହଯୋଗରେ ସେବା ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ତେବେ ପୁରୀ ରଥଯାତ୍ରା ସମୟରେ ଅନୁଷ୍ଠାନର ଭିନ୍ନ ଭିନ୍ନ ଦିବସରେ ୩ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାକର ସେବା କାର୍ଯ୍ୟରେ ନିୟୋଜିତ ଥିବା ଜଣାପଡ଼ିଛି। କେବେଳ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସେବା ମନୋବୃତ୍ତି ନେଇ ଆତ୍ମପ୍ରକାଶ କରିଥିବା ଏହି ଅନୁଷ୍ଠାନ ଚଳିତ ବର୍ଷ ରଥଯାତ୍ରାରେ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଠାରୁ ଢ଼େରସାରା ଆଶୀର୍ବାଦ ସାଉଁଟିବା ସହ ଭିଡ଼ ଭିତରେ ଭିନ୍ନ ପରିଚୟ ସୃଷ୍ଟି କରିବା ସହିତ ବିଭିନ୍ନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏବଂ ପୁରୀ ଅତିରିକ୍ତ ଜିଲ୍ଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ଶିବିରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ସହ ଢେର ସାରା ପ୍ରଶଂସା ଦେଇଥିବା ଦେଖିବାକୁ ମିଳିଛି।

## ପାଣିରେ ବୁଡି ଯୁବକ ମୃତ

ନୀଳଗିରି, ୨୭/୭ (ନି.ପ୍ର): ନୀଳଗିରି ଥାନା ଅଧୀନ ମଲ୍ୟାଣୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ୩୪ ବର୍ଷୀୟ ଜଣେ ଯୁବକ ପାଣିରେ ବୁଡି ଜୀବନ ଯାଇଥିବା ଦେଖିବାକୁ ମିଳିଛି।ସୂଚନା ମୁତାବକ ନୀଳଗିରି ବ୍ଲକ ଜଡିଦା ପଞ୍ଚାୟତ ଡେଙ୍ଗାସାହି ଗ୍ରାମର ପୀତାମ୍ବର ରଣସିଆଙ୍କ ପୁଅ ବିଜୟ ରଣସିଆଙ୍କର ପାଣିରେ ବୁଡି ମୃତ୍ୟୁ ହୋଇଛି।ସୋମବାର ଅପରାହ୍ନ ସମୟରେ ମଲ୍ୟାଣୀ ଗ୍ରାମ ନିକଟ ପୋଖରୀରେ ଏକ ଶବ ଭାସୁଥିବା ଦେଖି ସ୍ଥାନୀୟଲୋକେ ଉଦ୍ଧାର କରିଥିଲେ। ପରେ ଏହା ବିଜୟଙ୍କ ଶବ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ତେବେ ସେ ଏଠାକୁ କାହିଁକି ଆସିଲେ,କେମିତି ପାଣିରେ ବୁଡିଲେ ନା ତାଙ୍କୁ କିଏ ମାରି ପାଣିରେ ଫୋପାଡିଛି ତାହା ସନ୍ଦେହ ଘେରରେ ଥିବାବେଳେ ନୀଳଗିରି ପୋଲିସ ତଦନ୍ତ ଆରମ୍ଭ କରିଛି। ଶବକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ରିପୋର୍ଟ ଆସିବାପରେ ସତ୍ୟସତ୍ୟ ଜଣାପଡିବ ବୋଲି ପୋଲିସ ମତପ୍ରକାଶ କରିଛି ।

# ରଥ ଆଗରେ ଓଡିଶୀ ନୃତ୍ୟ ପରମ୍ପରା ବଜାୟ ରଖିଛନ୍ତି ହିମାଦ୍ରୀ

ବାରିପଦା , ୨୭/୭ (ନି.ପ୍ର): ଶ୍ରୀକ୍ଷେତ୍ର ପୁରୀରେ ରଥ ଆଗରେ ଓଡିଶୀ ନୃତ୍ୟ ପରିବେଷଣ ପରମ୍ପରା ବହୁ ପ୍ରାଚୀନ ଓ ମାତ୍ର ୨୦୧୭ ମସିହାରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଏହି ପରମ୍ପରା ଆରମ୍ଭ କରିଥିଲେ ସେଦିନ ଶ୍ରୀ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୭ମ ଶ୍ରେଣୀରେ ପଢୁଥିବା ହିମାଦ୍ରୀ ତନୟା ଚୌଧୁରୀ ଓ ସେହିବର୍ଷ ଠାରୁ ଆଜିପର୍ଯ୍ୟନ୍ତ ସେଇ ପରମ୍ପରାକୁ ବଜାୟ ରଖି ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ଉଦାହରଣ ପାଲଟିଛନ୍ତି ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ମାନବ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ଛାତ୍ରୀ ହିମାଦ୍ରୀ ଓ ତାଙ୍କୁ ଅନୁକରଣ କରି ଆଜି ଅନ୍ୟ ନୃତ୍ୟଶିଳ୍ପୀ ମାନେ ମଧ ଏହି ପରମ୍ପରାରେ ସାମିଲ ହୋଇଛନ୍ତି ଓ ପ୍ରକାଶଥାଉକି ସେଦିନର କୁନିଝିଅ ହିମାଦ୍ରୀ ପୁରୀ ରଥଯାତ୍ରାର ସିଧାପ୍ରସାରଣ ଦେଖି ବାରିପଦାରେ ରଥ ଆଗରେ ଓଡିଶୀ ନୃତ୍ୟ ପରିବେଷଣ କରିବା ପାଇଁ ଘରେ ଜିଦ ଧରିଥିଲେ ଓ ପ୍ରଶାସନର ଅନୁମତି କ୍ରମେ ହଜାର ହଜାର ଦର୍ଶକଙ୍କ ଗହଳି ଆଗରେ ପ୍ରଭୁ



ଜଗନ୍ନାଥଙ୍କ କୃପାରୁ ଏକୁଟିଆ ଓଡିଶୀ ନୃତ୍ୟ ପରିବେଷଣ କରି ବେଶ ପ୍ରଶଂସା ସାଉଁଟିଥିଲେ ଓ ପରେ ପରେ ବାଙ୍ଗିରିପୋଷି, ରାଇରଙ୍ଗପୁର, ଉଦଳା, ସାରସକ୍ଷେତ୍ର ଏହି ପରମ୍ପରା ସୃଷ୍ଟିହେବାର ପରିଲକ୍ଷିତ ହେଉଛି ଓ ଏହି ସାଂସ୍କୃତିକ ଆନ୍ଦୋଳନର ନାୟିକା ହିମାଦ୍ରୀ ବହୁବାର ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି ।

## ସାଳନ୍ଦୀରେ ବନ୍ୟାଜଳ: ତିହିଡି ବ୍ଲକ ଲଞ୍ଜାତରାରେ ୬୦ ଫୁଟର ଘାଇ

ଭଦ୍ରକ, ୨୭/୭ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସାଳନ୍ଦୀ ନଦୀରେ ବନ୍ୟା ଜଳ ଆସିଛି।ବିଶେଷ କରି ହଦ ଗଡ଼ ଡେମ ରୁ ୧୫ ଶହ କିୟୁସେକ ଜଳ ପ୍ରତି ସେକେଣ୍ଡ ଛଡା ଯିବା ପରେ ତଳିଆ ଅଂଚଳ ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।ସାଳନ୍ଦୀ ନଦୀର ତିହିଡି ବ୍ଲକ ଅଧିନସ୍ଥ ଲଞ୍ଜା ତରା ଠାରେ ୬୦ ଫୁଟ ର ଘାଇ ହୋଇଛି।ଫଳରେ ସେଠାରୁ ବନ୍ୟା ଜଳ ଯାଇ ବିଲଣା,ବାରୋ, କୁବେରା ଆଦି ପଂଚାୟତ ୧୨ ଗୋଟି ଗାଁ ର ଶହ ଶହ ହେକ୍ଟର ଚାଷ ଜମି ରେ ବନ୍ୟା ଜଳ ପ୍ରବେଶ କରିଛି।ଏହା ଦ୍ୱାରା ଚାଷୀ ଙ୍କ ଧାନ ତଳି ସବୁ ନଷ୍ଟ ହୋଇ ଯାଇଛି।ରୁଆ ଧାନ ନଷ୍ଟ ହୋଇ ଥିବା ବେଳେ ଧାନ ତଳି ମଧ ନଷ୍ଟ ହେବାର ଆଶଙ୍କା ଦେଖା ଯାଇଛି।ବର୍ଷା ଜଳ ସହିତ ବନ୍ୟା ଜଳ ଚାଷ ଜମିରେ ୮ ଦିନ ହେବ ଜମି ରହିବା ଯୋଗୁଁ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ଦେଖା ଯାଇଛି।ତେଣୁ ଚାଷୀ ମାନେ ଅତ୍ୟନ୍ତ ହତାଶ ହୋଇ ପଡିଛନ୍ତି।ଅନ୍ୟ ପକ୍ଷରେ ଚାଷୀ ଙ୍କ ସମସ୍ୟା କୁ ଦୃଷ୍ଟିରେ ରଖି ସାଳନ୍ଦୀ କେନାଲ ଡିଭିଜନ ପକ୍ଷରୁ ବାଲି ବସ୍ତା ଓ଼ ବଲା ପିଟା ଯାଇ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି।ତେବେ ଦୁଃର୍ଜନିଆ ଓ ଶଙ୍ଖୁଆ ନାଳ କୁ ସଂସ୍କାର କରାଯିବା ସହିତ ନଦୀ ରେ ଚେକ ଡ୍ୟାମ ନିର୍ମାଣ କରିବାକୁ ଚାଷୀ ମାନେ ଦାବି କରିଛନ୍ତି।ତେବେ ସାଳନ୍ଦୀ ରେ ବନ୍ୟା ଆସିବା ପରେ ତଳିଆ ଅଂଚଳ ରେ ଚାଷ ଜମି ଓ ଚାଷୀ ମାନେ ଯେଉଁଭଳି କ୍ଷତିଗ୍ରସ୍ତ ହୋଇଛନ୍ତି, ସେଥି ପ୍ରତି ପ୍ରଶାସନ ଯୁଦ୍ଧ କାଳୀନ ଭିତିରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ତାଡେକେଶ୍ୱର ପୀଠରେ କାଉଡ଼ିଆଙ୍କ ଜଳାଭିଷେକ

ବସ୍ତା, ୨୭/୭ (ନି.ପ୍ର): ଶ୍ରାବଣ ମାସ ଦ୍ୱିତୀୟ ସୋମବାର ଦିନ ରୂପସା ରେ ପୋଡାଢିଆ ର ବାବା ତାଡକେଶ୍ୱର୍ ଓ କଷିପଦା ବାବା କପିଳେଶ୍ୱର ମନ୍ଦିର ରେ ହଜାର ହଜାର ଭକ୍ତ ଜଳାଭିଷେକ କରିଛନ୍ତି । ରବିବାର ଦିନ ରାତିରୁ ବାଲେଶ୍ୱର ନିକଟ ବାଲିଘାଟର ସୁବର୍ଣ୍ଣରେଖା ନଦୀରୁ ଜଳ ନେଇ ଝିପି ଝିପି ବର୍ଷାରେ ବାବାଙ୍କ ନାମ ନେଇ ହଜାରେରୁ ଅଧିକ ଭକ୍ତ ଜଳ ନେଇ ନିଜର ମାନସିକ ପୂର୍ଣ୍ଣ ପାଇଁ ଜଳ ନେଇ ଆସିଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ କାଉଡ଼ିଆଙ୍କ ପାଇଁ ପ୍ରସାଦ ସହ ଜଳ ପାନର ବ୍ୟବସ୍ଥା ମଧ କରିଥିଲେ। ସୋମବାର ସକାଳ ସମୟରେ ନିଜ ନିଜ ମାନସିକ ଅନୁସାରେ ବାବା ତାଡକେଶ୍ୱର୍ ଓ ବାବା କପିଳେଶ୍ୱର ମନ୍ଦିରରେ ଜଳ ଲଗାଇ ପ୍ରସାଦ ସେବନ କରି ଘରକୁ ଫେରିଥିଲେ ।

# ବେଗୁନିଆ ବିଧାୟକଙ୍କ ପ୍ରତିନିଧି ହେଲେ ପ୍ରଶାନ୍ତ ବେହେରା

## ଛାତ୍ର ରାଜନୀତିରୁ ପଞ୍ଚାୟତ ଓ ଜନସେବାର ଦୀର୍ଘ ଅଭିଜ୍ଞତାକୁ ମିଳିଲା ସ୍ୱୀକୃତି

ଖୋର୍ଦ୍ଧା , ୨୭/୭ (ନି.ପ୍ର): ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ପୁଣିଥରେ ଅଭିଜ୍ଞ ସଂଗଠକ ଓ ବରିଷ୍ଠ ସାମାଜିକ କର୍ମୀ ପ୍ରଶାନ୍ତ ବେହେରାଙ୍କୁ ନିଜର ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ବିଧାୟକଙ୍କ ଏହି ନିଷ୍ପତ୍ତିକୁ ବେଗୁନିଆ ଅଞ୍ଚଳରେ ସ୍ୱାଗତ କରାଯାଇଥିବାବେଳେ ବିଭିନ୍ନ ରାଜନୈତିକ, ସାମାଜିକ ଓ ବୁଦ୍ଧିଜୀବୀ ମହଲରୁ ଶ୍ରୀ ବେହେରାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ପ୍ରଶାନ୍ତ ବେହେରାଙ୍କ ରାଜନୈତିକ ଜୀବନ ଛାତ୍ର ରାଜନୀତିରୁ ଆରମ୍ଭ ହୋଇଥିଲା। ସେ ରମାମଣି ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବେ ଦାୟିତ୍ୱ ସଫଳତାର ସହ ପାଳନ କରି ନିଜର ସଂଗଠନ ଦକ୍ଷତା ଓ ନେତୃତ୍ୱର ପରିଚୟ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ସକ୍ରିୟ ଭାବେ ପଞ୍ଚାୟତ ରାଜନୀତିରେ ପ୍ରବେଶ କରି କଣ୍ଟାବାଡ଼ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଏବଂ ପରେ ଲଗାତାର ଚାରିଥର ସରପଞ୍ଚ ଭାବେ ଜନସେବା କରିଥିଲେ। ସରପଞ୍ଚ ଥିବା ସମୟରେ ସେ ଗ୍ରାମର ବିକାଶ, ମୌଳିକ ସୁବିଧାର ସମ୍ପ୍ରସାରଣ ଓ ଲୋକମାନଙ୍କ ସମସ୍ୟାର ସମାଧାନ ଦିଗରେ ଅନେକ ପଦକ୍ଷେପ ନେଇଥିବାରୁ ଅଞ୍ଚଳବାସୀଙ୍କ ଆସ୍ଥାଭାଜନ ହୋଇପାରିଥିଲେ। ଏହା ପୂର୍ବରୁ ସେ ପୂର୍ବତନ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ପ୍ରତିନିଧି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରି ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ବିଭିନ୍ନ ଜନସମସ୍ୟାର ସମାଧାନରେ ସକ୍ରିୟ ଭୂମିକା ନିଭାଇଥିଲେ। ତାଙ୍କର ଦୀର୍ଘ ଅଭିଜ୍ଞତା, ସାଂଗଠନିକ ଦକ୍ଷତା ଓ ଜନସମ୍ପର୍କକୁ ଦୃଷ୍ଟିରେ ରଖି ବର୍ତ୍ତମାନର ବିଧାୟକ ପ୍ରଦୀପ କୁମାର ସାହୁ ପୁଣିଥରେ ତାଙ୍କ ଉପରେ ଆସ୍ଥା ପ୍ରକାଶ କରି ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରଶାନ୍ତ ବେହେରାଙ୍କ ପରିବାର ଦୀର୍ଘଦିନ ଧରି ସ୍ଥାନୀୟ ପ୍ରଶାସନ ଓ ଜନସେବା ସହ ଜଡ଼ିତ ରହିଆସିଛି। ବର୍ତ୍ତମାନ ତାଙ୍କ ମା କଣ୍ଟାବାଡ଼ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ କରୁଥିବାରୁ ପରିବାରର ଜନସେବାର ପରମ୍ପରା ଅବ୍ୟାହତ ରହିଛି। ପୁନର୍ବାର ବିଧାୟକଙ୍କ ପ୍ରତିନିଧି ଭାବେ ମନୋନୀତ ହେବା ପରେ ପ୍ରଶାନ୍ତ ବେହେରା ବିଧାୟକ ପ୍ରଦୀପ କୁମାର ସାହୁଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ବିଧାୟକଙ୍କ ବିଶ୍ୱାସ ଓ ଆସ୍ଥାକୁ ସମ୍ମାନ ଜଣାଇ ଆଗାମୀ ଦିନରେ ଅଞ୍ଚଳର ସାମଗ୍ରିକ ବିକାଶ, ସାଧାରଣ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ସରକାରୀ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ। ଏହି ମନୋନୟନକୁ ବେଗୁନିଆ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ସ୍ୱାଗତ କରାଯାଇଥିବା ବେଳେ ଦଳୀୟ କର୍ମୀ, ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ ଓ ଶୁଭେଚ୍ଛୁମାନେ ଶ୍ରୀ ବେହେରାଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳ କାର୍ଯ୍ୟକାଳ କାମନା କରିଛନ୍ତି।

# ଜଳକାରେ ଦ୍ୱିତୀୟ ବନ୍ୟା: ସତର୍କ ସଙ୍କେତ ଉର୍ଦ୍ଧ୍ୱରେ ବଢି ପାଣି

ବସ୍ତା, ୨୭/୭ (ନି.ପ୍ର): ବସ୍ତା,ବାଲିଆପାଳ ଓ ବାଲେଶ୍ୱର ସଦର ବ୍ଲକ ଦେଇ ପ୍ରବାହିତ ଜଳକା ନଦୀରେ ଚଳିତ ବର୍ଷ ଦ୍ୱିତୀୟ ବନ୍ୟା ଆସି ବ୍ୟାପକ ଅଞ୍ଚଳ ଜଳ ପ୍ଲାବିତ ହୋଇ ଯାଇଛି।ଦୀର୍ଘ ୪ ଦିନ ଧରି ନଦୀର ଉପରମୁଣ୍ଡ ଓ ତଳ ଶଯ୍ୟାରେ ଲଗାଣ ବର୍ଷା ଯୋଗୁଁ ନଦୀରେ ବଢି ହୋଇ ବନ୍ୟା ଜଳ ସତର୍କ ସଙ୍କେତ ଉର୍ଦ୍ଧ ରେ ପ୍ରବାହିତ ହେଉଛି।ଏହି ନଦୀର ବସ୍ତା ବ୍ଲକର ମଥାନୀ ଠାରେ ସତର୍କ ୬ ମିଟର ଥିବା ସ୍ଥଳେ ରାତି ୮ ସୁଦ୍ଧା ଏହା ଟପି ୬ ଦଶମିକ ୩୪ ମିଟର ରେ ପହଞ୍ଚିଛି। ପ୍ରତି ଘଣ୍ଟାଏ ରେ ୦ ଦଶମିକ ୦୧ ମିଟର ହାରରେ ବନ୍ୟା ଜଳ ବଢୁଛି।ଏହି ହାରରେ ବନ୍ୟା ବଢିଲେ ମଙ୍ଗଳବାର ବିପଦ ସଂକେତ ସ୍ତର ୬ ଦଶମିକ ୫୦ ମିଟର ଡେଇ ଯିବାର ଆଶଙ୍କା ପ୍ରକାଶ ପାଇଛି। ଖବର ଲେଖା ପର୍ଯ୍ୟନ୍ତ ଜୋରସୋର ବର୍ଷା ଲାଗି ରହିଛି। ତେବେ ନଦୀ ଉଛୁଳି ବନ୍ୟା ଜଳ ଖାଲୁଆ ଅଞ୍ଚଳକୁ ପ୍ରବେଶ କରୁଛି। ଜମି ଜଳମଗ୍ନ ହୋଇ ଧାନ ତଳି ଓ କେତେକ ଜମିରେ ରୁଆ ଧାନ ଗଛ ନଷ୍ଟ ହେବାର ନିଶ୍ଚିତ ସମ୍ଭାବନା ଦେଖା ଦେଇଛି। ତେବେ ପ୍ରାଥମିକ ସ୍ତରରେ ବସ୍ତା ବ୍ଲକର ମଥାନୀ, ବାହାର୍ଦ୍ଧା, କୁଡିଆ, ବାସୁ ଚକୁରାଇ, ଦୁଧ ହଂସା,ସାହାଡା, କଇନଗିରି, ବାଲେଶ୍ୱର ସଦର ବ୍ଲକର ଶ୍ରୀରାମ ପୁର, ରସଲପୁର, କୁରାଢ଼ିହା, ଛାନୁଆ, ସାର୍ଥା, ଆଳୁମେଦା, କଶାଫଳ, ବାଲିଆପାଳ ବ୍ଲକର କୁଣ୍ଡଳି, ସାଉଡ଼ି, ବଣିଆଢ଼ିହା ପ୍ରଭୃତି ପଞ୍ଚାୟତ ଏହି ବନ୍ୟା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida